କଟକ
ବୁଧବାର ୭ ଅକ୍ଟୋବର, ୨୦୨୬
ପ୍ରାତଃ ସଂସ୍କରଣ

October 7, 2026 Cuttack
Vol - XXIV, Issue - 187
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ଆଭିମୁଖ୍ୟ ବଦଳାଉଛି ବିଜେଡ଼ି !

**ଭୁବନେଶ୍ୱର,୬।୧୦(ନି.ପ୍ର):** ନୂଆଦିଲ୍ଲୀରେ ଏସ୍ଆଇଆର୍‌କୁ ନେଇ ନିର୍ବାଚନ କମିଶନଙ୍କ ବିରୋଧରେ ଇଣ୍ଡି ମେଣ୍ଟ ରାସ୍ତାକୁ ଓହ୍ଲାଇଥିବାବେଳେ ଏଥିରେ ବିଜେଡ଼ିର ରାଜ୍ୟସଭା ସାଂସଦମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏକଦା ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିବାକୁ ଘୋଷଣା କରିଥିବା ବିଜେଡ଼ି ଏଥିରେ ସାମିଲ ହୋଇଥିବାରୁ ରାଜନୈତିକ ମହଲରେ ଚର୍ଚ୍ଚା ଯେ, ବିଜେଡ଼ି ତା'ର ଆଭିମୁଖ୍ୟ ବଦଳାଇଛି।

ଟ୍ରେନିଂ ଏବଂ ନିଯୁକ୍ତି ବିଜ୍ଞାପନ
SAFETY & FIRE ENGINEERING COURSES
ଓଡ଼ିଶା ଏବଂ ଓଡ଼ିଶା ବାହାରେ ଥିବା STEEL PLANT, POWER PLANT, ALUMINUM, OIL REFINERY, PROJECT ଏବଂ CONSTRUCTION COMPANY ପାଇଁ ନିମ୍ନ ପଦବୀ ଗୁଡ଼ିକ ଆବଶ୍ୟକ।
■ଯୋଗ୍ୟତା:- H.S.C PASS / +2 / ITI / Diploma / B. Tech / Any Graduate ■ Age: 18 to 35 years
AFTER TRAINING SALARY : Rs. 18, 000/- to Rs. 25, 000/-
ଟ୍ରେନିଂ ପରେ ନିଶ୍ଚିତ ନିଯୁକ୍ତି
■ FIREMAN ■ FIRE SUPERVISOR ■ FIRE OFFICER ■ SAFETY STEWARD ■ SAFETY SUPERVISOR ■ SAFETY OFFICER ■ SAFETY ENGINEER ■ SAFETY MANAGER
100% Job Limited Seats
INSTITUTE OF INDUSTRIAL SAFETY AND FIRE MANAGEMENT
(An ISO 9001:2015 & OHSAS Certified Institute)
B/48, 1st Floor, BDA Duplex Colony, Baramunda, Bhubaneswar, Odisha, Pin-751003
Cont.: 9337712395, Email: iisfm.educ@gmail.com, web: www.iisfm.co.in

# ପ୍ରତିରକ୍ଷା ଉତ୍ପାଦନରେ ଭାରତର ବଡ଼ ପ୍ରସ୍ତୁତି

## ସୁନାବେଡ଼ା ଏଚ୍ଏଏଲ୍‌ରେ ପ୍ରତିରକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

### ଶକ୍ତି ଇଞ୍ଜିନ ଦ୍ୱିତୀୟ ମାନୁଫାକ୍ଚରିଂ ଲାଇନ ଉଦ୍‌ଘାଟିତ

### ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ



**କୋରାପୁଟ ,୬।୧୦(ନି.ପ୍ର):** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲ୍ଲାର ସୁନାବେଡ଼ାରେ ଏଚ୍ଏଏଲ୍ (ହାଲ୍)ମାନୁଫାକ୍ଚରିଂ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଂ ଲାଇନ ଉଦ୍‌ଘାଟନ କରିଛନ୍ତି। ସୁନାବେଡ଼ା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଛନ୍ତି।

ଏହି ଅବସରରେ ଆୟୋଜିତ ମେଗା ଇଭେଣ୍ଟରେ ପ୍ରତିରକ୍ଷା ମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇ କହିଛନ୍ତି, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସୁନାବେଡ଼ା ହାଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାକୁ ଆସି ମୁଁ ଅତିଥି ଭଳି ଅନୁଭବ କରୁନାହିଁ, ସୁନାବେଡ଼ାର ଏହି ହାଲ୍ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛି।

ରାଜନାଥ କହିଛନ୍ତି, ଦୀର୍ଘ ଦଶନ୍ଧି ଧରି ସେନାକୁ ମଜଭୁତ କରିବାରେ କୋରାପୁଟର ହାଲ୍‌ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହା ପଛରେ ରହିଛନ୍ତି ବିଭିନ୍ନ ପିଢ଼ିର ବୈଜ୍ଞାନିକ, ଯନ୍ତ୍ରୀ ଓ କର୍ମଚାରୀ। ସେମାନଙ୍କ ନିଷ୍ଠା, ସମର୍ପଣ ଓ ପ୍ରତିବଦ୍ଧତା ହାଲ୍‌ର ଭୂମିକାକୁ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କରିଛି। ସୁନାବେଡ଼ାର ହାଲ୍ ଏବଂ ବିଶାଖାପାଟଣାର ଡ଼ିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୀତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ୍, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି।

ଏହି ମେଗା ଇମେଣ୍ଟରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶାରେ ମେଟାଲ ଡ଼ାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଛନ୍ତି। ଏହିସବୁ ଶିଳ୍ପଗୁଡ଼ିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ରଖିଛନ୍ତି। ସେ କହିଛନ୍ତି, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲଠାରୁ ଆରମ୍ଭକରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି। ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଗତ ୬୦ ବର୍ଷ ଧରି କୋରାପୁଟର ଏହି ସଂସ୍ଥା ଦେଶର ସୁରକ୍ଷାରେ ଅତୁଳନୀୟ ଯୋଗଦାନ ଦେଇଆସୁଛି। ଆଜି ଶକ୍ତି ଇଞ୍ଜିନ୍ର ଦ୍ୱିତୀୟ ମାନୁଫାକ୍ଚରିଂ ଲାଇନର ଉଦ୍‌ଘାଟନ ଏବଂ ୨୦୦୦ତମ ଇଞ୍ଜିନର ହସ୍ତାନ୍ତର ଭାରତର ବୃଦ୍ଧିପାଉଥିବା ପ୍ରତିରକ୍ଷା ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀକ। ଲାଇଟ୍ ହେଲିକପ୍ଟର ପାଇଁ ନିର୍ମିତ ଏହି ଦ୍ୱିତୀୟ ଲାଇନ୍ ଦ୍ୱାରା ବାର୍ଷିକ ୧୦୦ଟି ଶକ୍ତି ଇଞ୍ଜିନ ଉତ୍ପାଦନ ହୋଇପାରିବ। ଏଏଲ୍-୩୧ ଇଞ୍ଜିନ ଉତ୍ପାଦନ କ୍ଷମତାକୁ ବାର୍ଷିକ ୩୦ରୁ ୫୦କୁ ବୃଦ୍ଧି କରାଯାଉଛି। ବର୍ତ୍ତମାନ ହାଲ୍ କୋରାପୁଟ ଡ଼ିଭିଜନ୍ ୧୬୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ଏହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

କାର୍ଯ୍ୟକ୍ରମରେ ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ର ବିଧାୟକ ରୂପୁ ଭତ୍ରା, ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉଁଟା, କୋରାପୁଟ ବିଧାୟକ ରଘୁରାମ ମାଛ, କେନ୍ଦ୍ରୀୟ ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର, ହାଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେ. ରବି, ଏୟାର ହେଡ୍‌କ୍ୱାର୍ଟରର ଡ଼େପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ତେଜ ପାଲ ସିଂହ ଏବଂ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ସଂସ୍ଥାର ପ୍ରମୁଖ ବୈଜ୍ଞାନିକ, ଇଞ୍ଜିନିୟର, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶୁତୋଷ ଦୀକ୍ଷିତ ନୂଆ ବାୟୁସେନା ମୁଖ୍ୟ



**ନୂଆଦିଲ୍ଲୀ,୬।୧୦(ନି.ପ୍ର):** ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ହୋଇଛନ୍ତି ଭାରତୀୟ ବାୟୁସେନାର ନୂତନ ମୁଖ୍ୟ। ନୂତନ ବାୟୁସେନା ମୁଖ୍ୟ ଭାବେ ଅକ୍ଟୋବର ୩୧ରୁ ସେ କାର୍ଯ୍ୟଭାର ଗ୍ରହଣ କରିବେ। ଏହି ପଦରେ ସେ ୨୦୨୮ ଯାଏ ରହିବେ। ଅନେକ ଯୁଦ୍ଧ ବିମାନ ଉଡ଼ାଇବାର ଅଭିଜ୍ଞତା ରହିଛି ଆଶୁତୋଷ ଦୀକ୍ଷିତଙ୍କର, ୩୫୦୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା। ସେ ମିରେଜ, ଏମ୍ଆଇଟି, ମିଗ୍, ଜାଗୁଆର, ଏନ୍-୩୨ ଆଦି ଯୁଦ୍ଧ ବିମାନ ଉଡ଼ାଇଛନ୍ତି। କାର୍‌ଗିଲ ଯୁଦ୍ଧ ସମେତ ଅପରେସନ ସିନ୍ଦୂର, ଅପରେସନ ସଫେଦ ସାଗର,ଅପରେସନ ରକ୍ଷକ ଆଦିରେ ମଧ୍ୟ ସେ ସାମିଲ ଥିଲେ।

## ଫିଜିକ୍ସରେ ଫ୍ରାନ୍ସିସ ହାଲଜେନଙ୍କୁ ନୋବଲ ପୁରସ୍କାର



**ନୂଆଦିଲ୍ଲୀ,୬।୧୦(ନି.ପ୍ର):** ମେଡ଼ିସିନରେ ନୋବେଲ ପୁରସ୍କାର ବିଜେତାଙ୍କ ନାମ ସୋମବାର ଘୋଷଣା କରାଯାଇଥିଲା। ମଙ୍ଗଳବାର ଫିଜିକ୍ସରେ ନୋବେଲ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ବେଲଜିଆନ-ଆମେରିକାନ ବୈଜ୍ଞାନିକ ଫ୍ରାନ୍ସିସ ହାଲଜେନଙ୍କୁ ପଦାର୍ଥ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯିବ। ଫ୍ରାନ୍ସିସଙ୍କ ଜନ୍ମ ବେଲଜିୟମରେ। ସେ ଆମେରିକାର ୱିସ୍ କନସିନ ମାଡ଼ିସନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରହିଛନ୍ତି। ଆଷ୍ଟ୍ରୋ ଫିଜିକାଲ ନ୍ୟୁଟ୍ରିନୋ ଆବିଷ୍କାର ପାଇଁ ତାଙ୍କୁ ଫିଜିକ୍ସରେ ନୋବେଲ ପୁରସ୍କାର ମିଳିବ ବୋଲି ଦି ରୟାଲ ସୁଇସ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି। ଆଇସକ୍ୟୁ ନ୍ୟୁଟ୍ରିନୋ ଅବଜରଭେଟୋରୀରେ ପ୍ରଫେସର ଫ୍ରାନ୍ସିସ ତାଙ୍କର ଗବେଷଣା ଦୀର୍ଘ ଦିନ ଧରି ଜାରି ରଖିଥିଲେ।

## ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା-ଗୁଜରାଟ ସହଯୋଗ ସୁଦୃଢ଼ ହେବ



**ଭୁବନେଶ୍ୱର,୬।୧୦(ନି.ପ୍ର):** ବିପର୍ଯ୍ୟୟ ପରିଚାଳନାରେ ସୁଦୃଢ଼ ହେବ ଓଡ଼ିଶା-ଗୁଜରାଟ ସହଯୋଗ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ସହ ପରସ୍ପର ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ସ୍ପେଶାଲ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଗୁଜରାଟ ଗସ୍ତ କରିଛନ୍ତି। ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ,ଏବଂ ଭୁଜସ୍ଥିତ ସ୍ମୃତିବନ ଭୂମିକମ୍ପ ସ୍ମାରକୀ ଏବଂ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଗସ୍ତ ସମୟରେ ମାନ୍ୟବର ମନ୍ତ୍ରୀଙ୍କ ସହ ସ୍ପେଶାଲ୍ ରିଲିଫ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଏବଂ ଓସଡମାର ବରିଷ୍ଠ ଅଧିକାରୀବୃନ୍ଦ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ପ୍ରାସଙ୍ଗିକ ଦିଗ ସମ୍ପର୍କରେ ଅନୁଭୂତି ଓ ଜ୍ଞାନ ଆହରଣ କରିଥିଲେ।

ଏହି ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସାକ୍ଷାତ କରିଛନ୍ତି ରାଜସ୍ୱ ମନ୍ତ୍ରୀ। ଉଭୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଛନ୍ତି। ଗୁଜରାଟର ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶିକ୍ଷଣ, କ୍ଷମତା ବିକାଶ, ପ୍ରଯୁକ୍ତିର ବ୍ୟବହାର, ମକ୍ ଡ୍ରିଲ୍, ଜନସଚେତନତା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ପୁନର୍ନିର୍ମାଣ ଆଦି କ୍ଷେତ୍ରରେ ଉଭୟ ରାଜ୍ୟ ପକ୍ଷରୁ ମଧ୍ୟ ଅଭିଜ୍ଞତା ଶେୟାର କରାଯାଇଛି। ପରସ୍ପରର ଅଭିଜ୍ଞତା ଓ କାର୍ଯ୍ୟପଦ୍ଧତିରୁ ଶିକ୍ଷା ଗ୍ରହଣ କରି ଉଭୟ ରାଜ୍ୟ ଏକ ସୁଦୃଢ଼, ସୁବ୍ୟବସ୍ଥିତ, ପ୍ରସ୍ତୁତ ଓ ବିପର୍ଯ୍ୟୟ-ସହନଶୀଳ ସମାଜ ଗଠନ ଦିଗରେ ମିଳିତ ଭାବେ ଅଗ୍ରସର ହେବାକୁ ସହମତ ହୋଇଛନ୍ତି।

## କ୍ରିକେଟ ଅଧିନାୟକ ପଦ ଛାଡ଼ିଲେ ହରମନପ୍ରୀତ



**ନୂଆଦିଲ୍ଲୀ,୬।୧୦(ନି.ପ୍ର):** ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟକ ପଦ ଛାଡ଼ିଛନ୍ତି ହରମନପ୍ରୀତ କୌର । ସେ ମଙ୍ଗଳବାର ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ମାଧ୍ୟମରେ ଏହା ଘୋଷଣା କରିଛନ୍ତି। ତାଙ୍କ ସ୍ଥାନରେ ସ୍ମୃତି ମନ୍ଧାନା ହୋଇଛନ୍ତି ନୂତନ ଅଧିନାୟକ। ହରମନପ୍ରୀତ ଅନେକ ରେକର୍ଡ଼ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପ୍ରଥମ ମହିଳା ବିଶ୍ୱକପ୍ ବିଜୟୀ ହୋଇଛି। ତାଙ୍କ ଅଧିନାୟକତ୍ୱରେ ଦଳ ୨୦୧୨, ୨୦୧୬, ୨୦୨୨ ଏବଂ ୨୦୨୬ ଏସିଆ କପ୍ ଟାଇଟଲ ମଧ୍ୟ ଜିତିଥିଲା। ୨୦୧୨ ଏସିଆ କପରେ ହରମନପ୍ରୀତ କେବଳ ଫାଇନାଲରେ ଅଧିନାୟକତ୍ୱ କରିଥିଲେ, ବାକି ମ୍ୟାଚ୍ ଗୁଡ଼ିକରେ ମିତାଲି ରାଜ ଦଳର ନେତୃତ୍ୱ ନେଇଥିଲେ। ହରମନପ୍ରୀତ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି, ମୁଁ ସମସ୍ତ ଫର୍ମାଟରେ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟକ ପଦ ଛାଡ଼ି ଦେଉଛି। ଏହା ଏକ ସହଜ ନିଷ୍ପତ୍ତି ନୁହେଁ। କ୍ରିକେଟ ସହ ଜଡ଼ିତ ବର୍ଷ ବର୍ଷର ସ୍ମୃତି, ଭାବନା ଓ ତ୍ୟାଗ ଜୀବନ ସାରା ମୋ ସହିତ ରହିବ। ଭାରତ ୨୦୨୫ ରେ ପ୍ରଥମଥର ପାଇଁ ମହିଳା ଓଡ଼ିଆଇ ବିଶ୍ୱକପ ଜିତିଥିଲା। ହରମନପ୍ରୀତ ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ମହିଳା ଅଧିନାୟକ ହୋଇଥିଲେ।

## ପଞ୍ଚାୟତ ଓ ପୌର ନିର୍ବାଚନ ଭୋଟର ତାଲିକା

# ୨୬ରୁ ଆରମ୍ଭ ହେବ ଘରକୁ ଘର ସର୍ଭେ



**ଭୁବନେଶ୍ୱର,୬।୧୦(ନି.ପ୍ର):** ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତିକୁ ନେଇ ୨୬ ତାରିଖରୁ ଆରମ୍ଭ ହେବ ଘରକୁ ଘର ସର୍ଭେ। ଭୋଟର ତାଲିକାରେ ନାମ ଯୋଡ଼ା, ବାଦ୍, ସଂଶୋଧନ ସମ୍ପର୍କୀୟ ତଥ୍ୟ ସଂଗ୍ରହ କରାଯିବ। ନାମ ଅଛି କି ନାହିଁ ଏହାର ସର୍ଭେ ହେବ। ସଠିକ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ସ୍ୱଚ୍ଛ ନିର୍ବାଚନର ମୂଳ ଆଧାର ହୋଇଥିବାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ଏନେଇ ଆୟୋଗଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି।ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ। ବୈଠକରେ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ।

ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରାଯାଇଛି। ବିଶେଷକରି ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡ଼ିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ କୁହାଯାଇଛି। ସମସ୍ତ ରାଜନୈତିକ ଦଳ ଅକ୍ଟୋବର ୧୫ ତାରିଖ ସୁଦ୍ଧା ବିଏଲ୍ଏଙ୍କ ତଥ୍ୟ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗ୍ରାମାଞ୍ଚଳ ପାଇଁ ବିଡ଼ିଓ, ସହରାଞ୍ଚଳ ପାଇଁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡ଼େପୁଟି କମିଶନର, ଆସିଷ୍ଟାଣ୍ଟ କମିଶନରଙ୍କ ନିକଟରେ ଦାଖଲ କରିବେ।

## କଲେଜ ଛାତ୍ରୀଙ୍କୁ ଚାପିଦେଲା ହାଇୱା

**ଆଠଗଡ଼,୬।୧୦(ନି.ପ୍ର):** କଲେଜରୁ ଫେରିବା ବେଳେ ଦୁଇ ଜଣ ଛାତ୍ରୀଙ୍କୁ ଚାପି ଦେଇଛି ଏକ ହାଇୱା। ଏହି ଦୁଃଖଦ ଘଟଣା ଘଟିଛି ଆଠଗଡ଼ର ଚାନ୍ଦବାଲି ଛକରେ, ଏସ୍‌ଡିପିଓଙ୍କ ଅଫିସ ସାମନାରେ। ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। କଲେଜ ଛାତ୍ରୀଙ୍କୁ ଚାପି ଦେବା ପରେ ଫେରାର ହୋଇଯାଇଛି ହାଇୱା ଡ୍ରାଇଭର। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହୋଇଛି ପ୍ରବଳ ଉତ୍ତେଜନା। ଉତ୍ତ୍ୟକ୍ତ ଜନସାଧାରଣ ଟାୟାର ଜାଳି ରାସ୍ତାରୋକ କରିଛନ୍ତି। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଛି। ହାଇୱାକୁ ଜବତ କରାଯାଇ ତଦନ୍ତ ଜାରି ରହିଛି।

## ମାଟି ତଳୁ ଲ୍ୟାଣ୍ଡମାଇନ ଉଦ୍ଧାର

**ମାଲକାନଗିରି,୬।୧୦(ନି.ପ୍ର):** ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ରେ ସୁରକ୍ଷାବଳ ପକ୍ଷରୁ ଚାଲିଥିବା ସର୍ଚ୍ଚ ଓ ଏରିଆ ସାନିଟାଇଜେସନ୍ ଅଭିଯାନରେ ବଡ଼ ସଫଳତା ମିଳିଛି। ନାରାୟଣପୁର ପୋଲିସ ଓ ଆଇଟିବିପିର ମିଳିତ ଟିମ୍ ଭଟବେଡ଼ା ଅଞ୍ଚଳରେ ସର୍ଚ୍ଚ ଅପରେସନ ସମୟରେ ଏକ ସନ୍ଦିଗ୍ଧ ଡ଼ମ୍ବୁରୁ ୬ଟି ପ୍ରେସର କୁକର୍ ଆଇଇଡ଼ି ଓ ଗୋଟିଏ ପାଇପ୍ ବୋମା ସହ ୭ଟି ବିସ୍ଫୋରକ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ବିସ୍ଫୋରକଗୁଡ଼ିକୁ ନିଷ୍କ୍ରିୟ କରିଦିଆଯାଇଛି। ତଲାସୀ ଅଭିଯାନ ମଧ୍ୟ ଜାରି ରହିଛି।

## ଅଟୋକୁ ଧକ୍କା ଦେଲା ହାଇୱା, ୨ ମୃତ

**ପାରଳାଖେମୁଣ୍ଡି,୬।୧୦(ନି.ପ୍ର):** ଗଜପତିଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ବଡ଼ଗାଁ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ଫିନାଇଲ ବୋଝେଇ ଏକ ଅଟୋ ବଡ଼ଗାଁ ଛକ ନିକଟରେ ଥିବା ଦୋକାନ ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଅଟୋକୁ ଧକ୍କା ଦେଇଥିଲା। ଧକ୍କାରେ ଅଟୋ ନିକଟରେ ଥିବା ଦୁଇ ଜଣଙ୍କର ଏଥିରେ ମୃତ୍ୟୁ ହୋଇଛି। ଆହତଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରାଣ୍ଡି ପୋଲିସ ଏହାର ତଦନ୍ତ କରୁଛି।

# ୧.୭୯ ଲକ୍ଷ ଏସ୍ଏଚ୍‌ଜିକୁ ୯୯.୨୬ କୋଟିର ସୁଧ ଫେରସ୍ତ

## ରାଜ୍ୟ ବିକାଶରେ ନେତୃତ୍ୱ ନେବେ ନାରୀଶକ୍ତି : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୬।୧୦(ନି.ପ୍ର):** ରାଜ୍ୟର ୧,୭୯,୮୦୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଏହି ସହାୟତା ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ମିଶନ ଶକ୍ତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କ୍ରମରେ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘଗୁଡ଼ିକର କ୍ଷମତା ବୃଦ୍ଧି କରାଯାଉଛି। ଏହି ପଦକ୍ଷେପ ମହିଳାମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ଷମ ଓ ସୁଦୃଢ଼ କରିବାରେ ସହାୟକ ହେବ। ଏହାଦ୍ୱାରା ରାଜ୍ୟରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିବେ। ଓଡ଼ିଶାର ସମାଜ ଓ ଅର୍ଥନୀତିର ବିକାଶରେ ମଧ୍ୟ ନାରୀଶକ୍ତି ଆଗାମୀ ଦିନରେ ନେତୃତ୍ୱ ନେବେ।

ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧ ଫେରସ୍ତ ପାଇଁ ୫୭୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହା ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ଗତ ୨୪ ଜୁନ ୨୦୨୬ରେ ୨,୮୮,୧୯୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୭ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଏହି ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୨୪୭.୦୩ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ମଧ୍ୟ ବ୍ୟାଙ୍କ ଋଣ ଯୋଗାଣର ଲକ୍ଷ୍ୟ ୨୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଋଣ ସୁବିଧା ସହ ସୁଧ ଫେରସ୍ତ ଏବଂ ବିଭିନ୍ନ ସମୁଦାୟ ପାଣ୍ଠିର ଉପଲବ୍ଧତା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଜୀବିକା ଓ ଉଦ୍ୟୋଗ କ୍ଷେତ୍ରରେ ଆର୍ଥିକ ସମ୍ବଳ ଯୋଗାଇବା ଏହି ପଦକ୍ଷେପର ଲକ୍ଷ୍ୟ। ଖୋର୍ଦ୍ଧାରୁ ଆସିଥିବା ମା ଚଣ୍ଡେଶ୍ୱରୀ ଏସ୍ଏଚ୍‌ଜି ୩୮,୯୨୭ ଟଙ୍କା , ସାଇ ରାମ ଏସ୍ଏଚ୍‌ଜି ୩୭,୯୫୮ଟଙ୍କା ଓ ସାଇ ଉନ୍ନତି ଏସ୍ଏଚ୍‌ଜି ୩୭,୮୪୭ ଟଙ୍କା ଉପମୁଖ୍ୟମନ୍ତ୍ରୀଙ୍କଠାରୁ ଚେକ୍ ସୁଧ ଫେରସ୍ତ ବାବଦକୁ ପାଇଛନ୍ତି । ଏଥିସହିତ ୧୫,୫୨୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୯.୩୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୩୭୧ଟି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘକୁ ୧୧୩.୮୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଏବଂ ୬୦୫ଟି ଆଞ୍ଚଳିକ ମଞ୍ଚକୁ ୮.୧୮ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ସମେତ ମୋଟ୍ ୧୫୧.୨୮ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ସବୁ ପୋଷାକକୁ ମାନିବ କାଶ୍ମୀରୀ ଚୁଡ଼ି



ଭାରତୀୟ ପରମ୍ପରାରେ ଚୁଡ଼ି ମହିଳାଙ୍କ ଶୃଙ୍ଗାରର ଏକ ପ୍ରମୁଖ ଅଂଶ। ବିବାହ, ପର୍ବପର୍ବାଣି ହେଉ କି ସାଧାରଣ ଦିନ ହାତରେ ଚୁଡ଼ି ପିନ୍ଧିଲେ ଲୁକ୍‌ରେ ଏକ ଭିନ୍ନ ଆକର୍ଷଣ ଆସିଥାଏ। ତେବେ ପ୍ରତ୍ୟେକ ପୋଷାକ ସହ କେଉଁ ଚୁଡ଼ି ପିନ୍ଧିବେ, ତାହା ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ରହିଥାଏ। ଏଭଳି ସମୟରେ କାଶ୍ମୀରୀ ଚୁଡ଼ି ଏକ ଭଲ ବିକଳ୍ପ ହୋଇପାରେ।

କଶ୍ମୀରୀ ଚୁଡ଼ି ବିଭିନ୍ନ ରଙ୍ଗ, ଡିଜାଇନ୍ ଓ ପ୍ୟାଟର୍ଣ୍ଣରେ ମିଳିଥାଏ। ରଙ୍ଗିନ ଚୁଡ଼ି ସହ ମୋତି, ନଗ, ଗୋଲ୍ଡେନ୍ ଡିଟେଲିଂ ଓ ପାରମ୍ପରିକ ଡିଜାଇନ୍ ଥିବା ଚୁଡ଼ି ମଧ୍ୟ ମିଳେ। ଦୈନନ୍ଦିନ ବ୍ୟବହାର ପାଇଁ ପତଳା ଓ ସିମ୍ପଲ୍ ଚୁଡ଼ି ଏବଂ ବିବାହ କିମ୍ବା ପର୍ବପର୍ବାଣୀ ପାଇଁ ହାଲୁକା ଭାବେ ସଜାଯାଇଥିବା ସେଟ୍ ବାଛିପାରିବେ। ସାଧାରଣ ସୁଟ୍ କିମ୍ବା ସଲୱାର ସୁଟ୍ ସହ କାଶ୍ମୀରୀ ଚୁଡ଼ି ବେଶ୍ ଆକର୍ଷଣୀୟ ଦେଖାଯାଏ।

ହାଲୁକା ରଙ୍ଗର ପୋଷାକ ସହ ଗାଢ଼ ରଙ୍ଗର ଚୁଡ଼ି ପିନ୍ଧିଲେ ଭଲ କଣ୍ଟ୍ରାଷ୍ଟ ମିଳେ। ଅନ୍ୟପଟେ ଗାଢ଼ କିମ୍ବା ହେଭି ସୁଟ୍ ସହ ହାଲୁକା ରଙ୍ଗର ଚୁଡ଼ି ପିନ୍ଧିଲେ ଲୁକ୍ ବାଲାନ୍ସ ହୋଇଥାଏ। ଚାହିଁଲେ ଚୁଡ଼ି ସହ ଛୋଟ କଡ଼ା ମଧ୍ୟ ମିଶାଇପାରିବେ। ଶାଢ଼ି ସହ କଶ୍ମୀରୀ ଚୁଡ଼ି ପିନ୍ଧିଲେ ପାରମ୍ପରିକ ଲୁକ୍ ଆହୁରି ଆକର୍ଷଣୀୟ ହୋଇପାରେ। ବିଶେଷକରି କଟନ୍, ସିଲ୍କ କିମ୍ବା ପ୍ରିଣ୍ଟେଡ୍ ଶାଢ଼ି ସହ ରଙ୍ଗିନ ଚୁଡ଼ି ଭଲ ମାନିଥାଏ। ଶାଢ଼ିର କୌଣସି ଏକ ରଙ୍ଗ ସହ ମେଳ ଖାଉଥିବା ଚୁଡ଼ି ବାଛିଲେ ସମ୍ପୂର୍ଣ୍ଣ ଲୁକ୍ ଅଧିକ ସୁନ୍ଦର ଦେଖାଯାଏ।

ଦୈନନ୍ଦିନ ବ୍ୟବହାର ପାଇଁ କୁର୍ତ୍ତି ସହ ମଧ୍ୟ ଏହି ଚୁଡ଼ି ପିନ୍ଧିପାରିବେ। ସାଧାରଣ ଧଳା, କ୍ରିମ୍, କଳା କିମ୍ବା ହାଲୁକା ରଙ୍ଗର କୁର୍ତ୍ତି ସହ ଦୁଇ-ତିନିଟି ରଙ୍ଗର ପତଳା ଚୁଡ଼ି ଲୁକ୍‌କୁ ଷ୍ଟାଇଲିଶ୍ କରିପାରେ। ଚୁଡ଼ି ବାଛିବା ବେଳେ ଲାଲ, ସବୁଜ, ଗୋଲାପୀ, ନୀଳ, ଗୋଲ୍ଡେନ୍ କିମ୍ବା କ୍ରିମ୍ ଭଳି ସହଜରେ ମ୍ୟାଚ୍ ହେଉଥିବା ରଙ୍ଗ ବାଛିଲେ ଗୋଟିଏ ସେଟ୍‌କୁ ବିଭିନ୍ନ ପୋଷାକ ସହ ମିକ୍ସ ଆଣ୍ଡ ମ୍ୟାଚ୍ କରିପାରିବେ।

# ପ୍ରେମ ପାଇଁ କାମ ଛାଡ଼ିବାକୁ ପ୍ରସ୍ତୁତ



ଗତମାସରେ ମୁକ୍ତିଲାଭ କରିଥିବା ଫିଲ୍ମ 'ମିର୍ଜାପୁର'ରେ ମୁମ୍‌ତାଜ୍ ବିବି ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ନେଇଛନ୍ତି ଅଭିନେତ୍ରୀ ସୋନାଲ୍ ଚୌହାନ। ଦୀର୍ଘଦିନ ପରେ ତାଙ୍କ ଲେଉଟାଣିକୁ ନେଇ ଦର୍ଶକ ଭଲ ପ୍ରତିକ୍ରିୟା ଦେଇଥିବା ବେଳେ ନିଜ ଚରିତ୍ରକୁ ନେଇ ସୋନାଲ୍ ମଧ୍ୟ ଖୁବ୍ ସନ୍ତୁଷ୍ଟ। ତେବେ ନିକଟରେ ଏକ ପଡ୍‌କାଷ୍ଟରେ ସେ ଦେଇଥିବା ବୟାନ ଚର୍ଚ୍ଚାରେ ରହିଛି।

ବିବାହିତ ଅଭିନେତା-ଅଭିନେତ୍ରୀ ପରଦାରେ ରୋମାଣ୍ଟିକ୍ ବା ଅନ୍ତରଙ୍ଗ ଦୃଶ୍ୟ କରିବା ସମ୍ପର୍କରେ ସୋନାଲଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ ନିଜ ମତ ସ୍ପଷ୍ଟ ଭାବେ ରଖିଛନ୍ତି। ତାଙ୍କ କହିବାନୁସାରେ, ଅନ୍ତରଙ୍ଗ ଦୃଶ୍ୟ ସମୟରେ ଯଦି କୌଣସି ଅଭିନେତା ନିଜ ଉପରୁ ନିୟନ୍ତ୍ରଣ ହରାଇଦିଅନ୍ତି, ତେବେ ତାହାକୁ ସେ ସହଜରେ ଗ୍ରହଣ କରିପାରିବେ ନାହିଁ। ଯଦି ସେ ଇଣ୍ଡଷ୍ଟ୍ରିର କାହାକୁ ବିବାହ କରନ୍ତି ଏବଂ ତାଙ୍କ ସ୍ୱାମୀ ପରଦାରେ ଅନ୍ୟ ଅଭିନେତ୍ରୀଙ୍କ ସହ ଅନ୍ତରଙ୍ଗ ଦୃଶ୍ୟ କରିବା ସମୟରେ ସୀମା ଟପିଯାଆନ୍ତି, ତେବେ ସେ ଏହାକୁ ମଧ୍ୟ ସ୍ୱୀକାର କରିପାରିବେ ନାହିଁ। ତାଙ୍କ ଜୀବନସାଥୀ ଯଦି ତାଙ୍କ ଅଭିନୟ କ୍ୟାରିୟରକୁ ନେଇ ଅସୁରକ୍ଷିତ ଅନୁଭବ କରନ୍ତି, ତେବେ ପ୍ରେମ ପାଇଁ ଆବଶ୍ୟକ ହେଲେ ସେ ଅଭିନୟ ମଧ୍ୟ ଛାଡ଼ିପାରନ୍ତି ବୋଲି ସୋନାଲ୍ କହିଛନ୍ତି। ସେ ନିଜ କାମକୁ ଭଲ ପାଉଥିଲେ ମଧ୍ୟ ପ୍ରେମ ପାଇଁ ବଡ଼ ତ୍ୟାଗ କରିବାକୁ ପଛାଇବେ ନାହିଁ। ସୋନାଲଙ୍କ ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ୧୦୮ ବର୍ଷରେ ବି ଫିଟ୍ ସୁସାନ୍



କୁହାଯାଏ, ବୟସ କେବଳ ଏକ ସଂଖ୍ୟା। ଏହି କ୍ରମରେ ୧୦୮ ବର୍ଷ ବୟସରେ ଜଣେ ମହିଳା ସମ୍ପୂର୍ଣ୍ଣ ଫିଟ୍ ରହିବା ଯିଏ ଶୁଣିବେ ଅବାକ୍ ହେବା ନିଶ୍ଚିତ। ତେବେ ସୁସାନ୍ ୟଙ୍ଗ୍ ବ୍ରାଉନ୍ ଏହା କରି ଦେଖାଇଛନ୍ତି। ତାଙ୍କ ଜୀବନଶୈଳୀ ବି ଖୁବ୍ ଆକର୍ଷକ। ବଂଶ ଓ ଜୀବବିଜ୍ଞାନ ବାର୍ଦ୍ଧକ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ସୁସାନ୍‌ଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ଆମକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦିଏ। ତାହାହେଲା ଦୀର୍ଘାୟୁ କେବଳ ବର୍ଷ ବର୍ଷ ଧରି ବଞ୍ଚିବା ନୁହେଁ, ବରଂ ଦିନଗୁଡ଼ିକୁ ଶକ୍ତ ଓ ଆତ୍ମନିର୍ଭର ଭାବେ ଅତିବାହିତ କରିବାର କ୍ଷମତା ରଖିବା।

ବ୍ରାଉନ୍ ପ୍ରତିଦିନ ସକାଳେ ପ୍ରାୟ ୧୦ ମିନିଟ୍ ଷ୍ଟ୍ରେଚିଂ, ମାଂସପେଶୀ ମଜଭୁତ କରିବା ଓ ଭାରସାମ୍ୟ ରକ୍ଷା ପାଇଁ ବ୍ୟାୟାମ କରନ୍ତି। ସେ କୌଣସି ବାଡ଼ି କିମ୍ବା ୱାକର୍‌ର ସାହାଯ୍ୟ ବିନା ଚାଲିଥାନ୍ତି। ବୟସ ବଢ଼ିବା ସହ ମାଂସପେଶୀର ଶକ୍ତ, ଭାରସାମ୍ୟ ଓ ଚଳପ୍ରଚଳ କ୍ଷମତାରେ ପରିବର୍ତ୍ତନ ଆସିବା ସ୍ୱାଭାବିକ। ତେବେ ଶାରୀରିକ ପରିଶ୍ରମ ଜାରି ରଖିବା ଦ୍ୱାରା ବୃଦ୍ଧବୃଦ୍ଧାମାନେ ସେମାନଙ୍କର କାର୍ଯ୍ୟକ୍ଷମତା ଓ ଆତ୍ମନିର୍ଭରଶୀଳତା ବଜାୟ ରଖିପାରିବେ। ବ୍ରାଉନ୍ ମୁଖ୍ୟତଃ ସେଓ ଏବଂ ବ୍ଲୁବେରି ଭଳି ଫଳ ଖାଆନ୍ତି ଏବଂ ଭଜା ଜିନିଷ, ଅତିରିକ୍ତ ମିଠା ଓ ମଦ୍ୟପାନରୁ ଦୂରେଇ ରୁହନ୍ତି।

ଫଳ ଆମକୁ ଫାଇବର୍, ଭିଟାମିନ୍ ଓ ଅନ୍ୟ ପୋଷକ ତତ୍ତ୍ୱ ଯୋଗାଇଥାଏ। ତେବେ କେବଳ ଖାଦ୍ୟ ସୁସାନ୍‌ଙ୍କ ଦୀର୍ଘାୟୁର ଏକମାତ୍ର ରହସ୍ୟ ବୋଲି କହିହେବ ନାହିଁ। ତାଙ୍କ ଜୀବନର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଉଛି, ତାଙ୍କର ଆତ୍ମନିର୍ଭରଶୀଳତା। ସେ ଗତ ୭୦ ବର୍ଷରୁ ଅଧିକ ସମୟ ଧରି ଘରେ ରହୁଛନ୍ତି ଓ ନିଜେ ଗାଡ଼ି ଚଳାଇ ଜରୁରି କାମ କରୁଛନ୍ତି। ୨୦୩୩ ପର୍ଯ୍ୟନ୍ତ ତାଙ୍କର ଡ୍ରାଇଭିଂ ଲାଇସେନ୍ସ ନବୀକରଣ ହୋଇଥିବା କଥା ଅନ୍‌ଲାଇନ୍‌ରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ସେ ମଧ୍ୟ ରୋମାଞ୍ଚକର ଉପନ୍ୟାସ ପଢ଼ନ୍ତି, ପଜଲ୍ ଓ ଶବ୍ଦଛକ ଖେଳନ୍ତି, ଗୀର୍ଜାକୁ ଯା'ନ୍ତି ଏବଂ ବନ୍ଧୁ, ପରିବାର ସହ ସମୟ ବିତାନ୍ତି । ଏହି କାର୍ଯ୍ୟଗୁଡ଼ିକ କେବଳ ମନୋରଞ୍ଜନ ନୁହେଁ, ବରଂ ସାମାଜିକ ସମ୍ପର୍କ, ମାନସିକ ସ୍ୱାସ୍ଥ୍ୟ ଓ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ। ଦୀର୍ଘାୟୁ କେବଳ ଶରୀରକୁ ଚାଲୁ ରଖିବା ନୁହେଁ, ବରଂ ପ୍ରତିଦିନ ସକାଳେ ଉଠିବାର କିଛି ଅର୍ଥପୂର୍ଣ୍ଣ କାରଣ ରହିବା ଦରକାର ବୋଲି ସେ ବିଶ୍ୱାସ କରନ୍ତି।



# ମୋତିଆବିନ୍ଦୁ ଲକ୍ଷଣ

ଗ୍ଲୁକୋମା ବା ମୋତିଆବିନ୍ଦୁ ଏକ ସାଧାରଣ ସମସ୍ୟା ନୁହେଁ । ଏହା ହେବାଦ୍ୱାରା କେବଳ ଦୃଷ୍ଟିଶକ୍ତି ଝାପ୍‌ସା ହୁଏନାହିଁ ବରଂ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି କ୍ଷୟ ହେବାର ସମ୍ଭାବନା ରହିଛି। ଯଦି ସମୟ ପୂର୍ବରୁ ଏହାର ସଠିକ୍‌ଉପଚାର କରାନଯାଏ ତେବେ ଏହି ସମସ୍ୟା ଦୃଷ୍ଟିଶକ୍ତିଉପରେ ଗମ୍ଭୀର ପ୍ରଭାବ ପକାଇବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ।

**ଗ୍ଲୁକୋମା କାହିଁକି ହୁଏ?**
ଆଖିର ଗୋଟିଏ ପଟୁ ପାଣି ଭରି ଅନ୍ୟପଟେ ବହି ଆସିବାରେ ବାଧା ସୃଷ୍ଟି ହେଲେ ଆଖିରେ ଏକ କଳା ବିନ୍ଦୁ ସୃଷ୍ଟି ହୁଏ, ଯାହାକୁ ଗ୍ଲୁକୋମା କୁହାଯାଏ। ଆଖି ଭିତରେ ଥିବା 'ଆକୁୟସ୍ ହ୍ୟୁମର' ନାମକ ତରଳ ପଦାର୍ଥ ବାହାରି ଭିତରେ ଜମା ହେବାକୁ ଲାଗିଥାଏ। ଏହାଦ୍ୱାରା ଆଖି ପଛରେ ଅପ୍ଟିକ ନର୍ଭଉପରେ ଚାପ ପଡିଥାଏ ଓ ଦୃଷ୍ଟି ଶକ୍ତି କମ୍ ହେବାକୁ ଲାଗିଥାଏ। ଏଥିସହିତ ବୟସ ବଢ଼ିବା, ରକ୍ତଚାପ, ମଧୁମେହ, ଆନୁବଂଶିକତା ତଥା ଆଖିରେ ଲାଗିଥିବା ଆଘାତକୁ ଗ୍ଲୁକୋମା ବା ମୋତିଆ ବିନ୍ଦୁ ହେବାର ମୁଖ୍ୟ କାରଣ ବୋଲି କୁହାଯାଏ।

**ଲକ୍ଷଣ:** ପ୍ରାରମ୍ଭିକ ଅବସ୍ଥାରେ ମୁଣ୍ଡ ବିନ୍ଧିବା। ଆଖି ସାମ୍ନାରେ ଇନ୍ଦ୍ରଧନୁ ପରି ରଙ୍ଗ ଦେଖାଯିବା। ବିନା କାରଣରେ ବାନ୍ତି ହେବା। ଅନେକ କ୍ଷେତ୍ରରେ ଆଖିରେ କୌଣସି ଯନ୍ତ୍ରଣା ହୁଏନାହିଁ। ଆଖି ସାମ୍ନା ଛୋଟ ଦେଖାଯାଏ ଓ ଧୀରେ ଧୀରେ ଝାପ୍‌ସା ଦେଖାଯାଏ।

**ପ୍ରକାର:** ଗ୍ଲୁକୋମା ଦୁଇ ପ୍ରକାରର। ଓପନ୍-ଆଙ୍ଗେଲ ଗ୍ଲୁକୋମା ଓ ଆଙ୍ଗେଲ-କ୍ଲୋଜର ଗ୍ଲୁକୋମା। ଓପନ୍ ଆଙ୍ଗେଲ ଗ୍ଲୁକୋମାରେ ବ୍ୟକ୍ତିଙ୍କ ଦୃଷ୍ଟି ଧୀରେ ଧୀରେ ଖରାପ ଆଡ଼କୁ ଗତି କରେ ଏବଂ ଆଙ୍ଗେଲ-କ୍ଲୋଜର ଗ୍ଲୁକୋମାରେ ଆଖିର କୌଣସି ସମସ୍ୟା ନଥାଇ ଗୋଟିଏ କିମ୍ବା ଦୁଇଦିନ ଭିତରେ ଚକ୍ଷୁ ଖରାପ ହୋଇଯାଏ।

**ଚିକିତ୍ସା:** ମେଡିକାଲ ସାଇନ୍ସରେ ଗ୍ଲୁକୋମାର ଚିକିତ୍ସା ସମ୍ଭବପର। ପ୍ରଥମେ ଆଖି ପରୀକ୍ଷା କରାଯାଇ ଗ୍ଲୁକୋମା ବା ମୋତିଆବିନ୍ଦୁ ଅଛି କି ନାହିଁ ପରୀକ୍ଷା କରାଯାଏ। ଆଖିର ଅବସ୍ଥା ଦେଖି ଡାକ୍ତର ଆଇ-ଡ୍ରପ୍ ଦେଇଥାନ୍ତି ଓ ଯାହାକୁ ସାରା ଜୀବନ ଆଖିରେ ପକାଇବାକୁ ପଡିଥାଏ। ବହୁ ସମୟରେ ଲୋକ ଅଣଦେଖା କରି ମଝିରେ।ଡ଼ିଦିଅନ୍ତି ଯେଉଁ କାରଣରୁ ମୋତିଆବିନ୍ଦୁ ପୁଣିଥରେ ହୋଇଥାଏ।

**କେଉଁ ଭିଟାମିନ୍ ଖାଇବେ:** ଦୃଷ୍ଟିଶକ୍ତି ଠିକ୍ ରଖିବା ଲାଗି ଭିଟାମିନ୍ ଏ, ସି ଓ ଇ ପ୍ରଚୁର ମାତ୍ରାରେ ଖାଇବା।ଚିତ୍। ଏଥିସହିତ ଆଣ୍ଟି-ଅକ୍ସିଡାଣ୍ଟ ଯୁକ୍ତ ସବୁଜ ପନିପରିବା, ଫଳ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ନେବା।ଚିତ୍।

**ସାବଧାନତା:** ଯଦି ଆଖିର ଅପରେସନ୍ ପୂର୍ବରୁ ହୋଇଛି ତେବେ ମୋତିଆ ବିନ୍ଦୁ ହେବାର ଅଧିକ ସମ୍ଭାବନା ରହିଛି। ପୁଣିଥରେ ଆଇ-ଡ୍ରପ୍ ଆରମ୍ଭ କରନ୍ତୁ ଓ ସାରାଜୀବନ ଏହାକୁ ଆଖିରେ ପକାନ୍ତୁ । ଆବଶ୍ୟକ ପଡିଲେ ଗ୍ଲୁକୋମା ସର୍ଜରୀ କରନ୍ତୁ।

# ପିଲାଙ୍କୁ ଦିଅନ୍ତୁ ଗାଇଡ୍‌ଲାଇନ

କେତେକ ଅଭିଭାବକ ଏପରି ଅଛନ୍ତି ଯେଉଁମାନେ ପିଲାଙ୍କର ସବୁ କଥାକୁ ଗ୍ରହଣ କରି ସେହି ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଦିଅନ୍ତି। ଏଭଳି କରି ସେମାନେ ପିଲାଙ୍କୁ ଅଧିକ ଭଲ ପାଉଛନ୍ତି ବୋଲି ଦର୍ଶାଇଥାନ୍ତି। ହେଲେ ଏ କ୍ଷେତ୍ରରେ ପିଲାମାନେ ଅନୁଶାସନ ଓ ଶୃଙ୍ଖଳାର ମୂଲ୍ୟ ବୁଝିପାରନ୍ତି ନାହିଁ। ଏହାସହ ସେମାନେ ଭବିଷ୍ୟତରେ ଦାୟିତ୍ୱଶୂନ୍ୟ ହେବା ସହ ଭାବନାତ୍ମକ ସମ୍ପର୍କ ଠାରୁ ଦୂରେଇଯାନ୍ତି।

ପିଲାଙ୍କୁ ଦୁନିଆର ସବୁ ଖୁସି ଦେବାପାଇଁ ଚାହାନ୍ତି ଅଭିଭାବକ। ଏହି ଭାବନା ପାଇଁ ବେଳେବେଳେ ପିଲାମାନଙ୍କର ସବୁ ଜିଦ୍ ପୂରା କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏହି ପଦକ୍ଷେପ ଫଳରେ ପିଲାଙ୍କ ଭବିଷ୍ୟତ ଓ ଚରିତ୍ର ଗଠନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅଭିଭାବକଙ୍କ ଏହି ନିଷ୍ପତ୍ତି ପିଲାଙ୍କୁ ଅଧିକ ସ୍ୱାଧୀନତା ଦେଇଥାଏ। ସେମାନଙ୍କର ସବୁ ଆବଶ୍ୟକତା ପୂରଣ ହୋଇଯିବା ଦ୍ୱାରା ସେମାନେ ଅନୁଶାସନର ଅର୍ଥ ବୁଝିପାରନ୍ତି ନାହିଁ । ତେଣୁ ସେମାନଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପଡ଼େ ଓ ସେମାନଙ୍କର ଭବିଷ୍ୟତ ବିକାଶରେ ବାଧା ସୃଷ୍ଟି ହୁଏ।

ମାଗିବା ମାତ୍ରେ ସବୁ ଜିନିଷ ମିଳିଯିବା ଫଳରେ ପିଲାମାନେ ପରିଶ୍ରମ, ଧୈର୍ଯ୍ୟ ଓ ସନ୍ତୁଷ୍ଟ ରହିବା ଭାବନାକୁ ବୁଝିପାରନ୍ତି ନାହିଁ। ତେଣୁ ଅଭିଭାବକମାନେ ପିଲାଙ୍କର ସବୁ ଆବଶ୍ୟକତା ସଙ୍ଗେ ସଙ୍ଗେ ପୂରା କରିବା ବଦଳରେ 'ନା' କହିବା ମଧ୍ୟ ଦରକାର। ପିଲାଙ୍କର ଆବଶ୍ୟକତା ପୂରା କରିବା ସହ ସେମାନଙ୍କୁ ଅନୁଶାସନ ମଧ୍ୟ ଶିଖାଇବା ଦରକାର। ପିଲାଙ୍କୁ ସ୍ନେହ କରନ୍ତୁ ହେଲେ ଏକ ସୀମା ସ୍ଥିର କରନ୍ତୁ। କେତେବେଳେ କେଉଁସବୁ କାମ କରିବେ ସେନେଇ ପିଲାଙ୍କୁ ଗାଇଡ୍‌ଲାଇନ ଦିଅନ୍ତୁ।





# ପତ୍ରପୋଡ଼ା ମାଛ ବେସର

**ସାମଗ୍ରୀ:** ୪ ପିସ୍ ରୋହି ମାଛ, ୧ଟା ପିଆଜ, ଜିରା,ଶୁଖିଲା ଲଙ୍କା ୨ଟା, ସୋରିଷ, ଅଦା, ରସୁଣ, ସୋରିଷ ତେଲ, ଲୁଣ, ହଳଦୀ, ୨ଟା ଗୋଟା କଞ୍ଚା ଲଙ୍କା, ଧନିଆପତ୍ର, କଦଳୀ ପତ୍ର, ବାନ୍ଧିବା ପାଇଁ ସୂତା।

**ପ୍ରସ୍ତୁତି ପ୍ରଣାଳୀ:** ମାଛକୁ ଭଲ ଭାବରେ ଧୋଇ ଦିଅନ୍ତୁ। ଏବେ ଜିରା, ଲଙ୍କା, ପିଆଜ, ସୋରିଷ, ରସୁଣକୁ ଶିଳରେ ବାଟି ମସଲା ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ ମସଲା ନେଇ ଏଥିରେ ଲୁଣ, ହଳଦୀ, କଞ୍ଚା ଲଙ୍କା, ଧନିଆ ପତ୍ର, ୨ ଚାମଚ କଞ୍ଚା ସୋରିଷ ତେଲ ପକାଇ ମସଲାରେ ମିକ୍ସ କରନ୍ତୁ। ଏଥିରେ ମାଛ ପିସ୍‌କୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ମାଛରେ ମସଲା ଭେଦିବା ପାଇଁ ୨୦ ମିନିଟ୍ ରଖିବା ପରେ ଏଥର ଖଣ୍ଡେ କଦଳୀ ପତ୍ର ଆଣି ଏଥିରେ ବେସର ମିଶ୍ରିତ ମାଛକୁ ଓଲଟାଇ ଦିଅନ୍ତୁ। ପାତ୍ରରେ ଲାଗିଥିବା ମସଲାକୁ ଭଲ ଭାବରେ ପୋଛି ପତ୍ରରେ ଉପରେ ରଖି ଦିଅନ୍ତୁ।

ଏଥର ପତ୍ରର ଚାରିକଡ଼କୁ ଭାଙ୍ଗି ଏକ ଚାରିକୋଣିଆ ପ୍ୟାକେଟ୍ କରନ୍ତୁ । ମସଲା ଓ ତେଲ ନବାହାରିବା ପାଇଁ ଏହା ଉପରେ ସୂତା ଦେଇ ବାନ୍ଧି ଦିଅନ୍ତୁ। ଏବେ ଆଉ ଏକ ପତ୍ରରେ ଗୁଡାଇ ଏହାକୁ କଦଳୀ ପତ୍ରର ରଶିରେ ବାନ୍ଧି ଦିଅନ୍ତୁ। ମାଛ ପ୍ୟାକେଟ୍‌କୁ ନେଇ ଯଦି ଚୁଲି ଅଛି ତେବେ ଅଳ୍ପ ନିଆଁରେ ପୋଡ଼ାଇ ଦିଅନ୍ତୁ। ନଚେତ ରୁଟି ସେକା ଉପରେ ରଖି ଲୋ-ଫ୍ଲେମରେ ଗ୍ୟାସ୍ ଉପରେ ଦେଖାନ୍ତୁ। ଉପର ପତ୍ର ପୋଡ଼ି ଆସିଲେ ଏହାର ଅନ୍ୟ ପଟକୁ ଲେଉଟାଇ ପୋଡ଼ନ୍ତୁ। ଉପର ଅଂଶ ପତ୍ର ପୋଡ଼ି ଭିତର ଅଂଶ ପତ୍ର ପୋଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ରଖି ଥଣ୍ଡା ହୋଇ ଆସିଲେ ପତ୍ର ଖୋଲନ୍ତୁ। ଭିତରେ ଥିବା ପତ୍ରପୋଡ଼ା ବେସର ମାଛକୁ ଖରାଦିନେ ପଖାଳ ଭାତ ସହିତ ପିଆଜ ଓ କଞ୍ଚା ଲଙ୍କା ଲଗାଇ ଖାଆନ୍ତୁ, ଖୁବ୍ ସୁଆଦିଆ ଲାଗିବ।

# କିପରି କଟିବ ଆଜିର ଦିନ

୭ ଅକ୍ଟୋବର ୨୦୨୬

**ମେଷ:** ଧାର୍ମିକ କାର୍ଯ୍ୟରେ ବ୍ୟୟ ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ ଅଭାବରୁ କୌଣସି କାମ ସମ୍ପନ୍ନ କରିନପାରନ୍ତି। ଆଜି ବୃଥା ତର୍କ ନ କରି ବିବାଦୀୟ କଥାରେ ମୁଣ୍ଡ ନପୂରାଇବା ଭଲ। ଦିନଟିକୁ ଜଗିରଖି ଚଳିବାକୁ ହେବ।

**ବୃଷ:** ବନ୍ଧୁଙ୍କ ନିକଟରୁ ଯାହା ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣ କରିବା ଭଲ। ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ:** ପାରିବାରିକ କ୍ଷେତ୍ରରେ ସମସ୍ୟା ରହିବ, କିନ୍ତୁ ହଠାତ୍ କୌଣସି ପଦକ୍ଷେପ ନେଲେ ଝମେଲା ବଢ଼ିଯିବ। ଜମିଜମା ବିବାଦ କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ ଓ ପରିବହନରେ ସଫଳତା ପାଇବେ।

**କର୍କଟ:** ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଆସିପାରେ।

**ସିଂହ:** ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତହୋଇ ଇଚ୍ଛା ନଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରିସ୍ଥିତି ଶାନ୍ତ ହେବ।

**କନ୍ୟା:** ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉକ୍ଟ ହେବନାହିଁ। ଦିନଟି ଭଲରେ କଟିବ।

**ତୁଳା:** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା:** ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ:** ଗୁପ୍ତକଥା, କଳାଧନ, କଚେରି ମାମଲା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାର ପ୍ରୟନ୍ କରିପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ ହେବ।

**ମକର:** ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ:** ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ମୀନ:** ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ । ଫଳରେ ମନ ହାଲୁକା ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଭାବେ ସମ୍ପନ୍ନ ହୋଇଯାଇପାରେ। ଛାତ୍ରଛାତ୍ରୀମାନେ ପାଠ ପ୍ରତି ଆଗ୍ରହୀ ହେବେ।

# ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ନୟାଗଡ଼ ଜିଲ୍ଲାର ପିଏମଶ୍ରୀ ବିଦ୍ୟାଳୟ ପରିଦର୍ଶନ



ନୟାଗଡ଼, ୬।୧୦ (ନି.ପ୍ର): ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ ଓ ଡେପୁଟି ଡାଇରେକ୍ଟର ଚନ୍ଦନ କୁମାର ରଥ ନୟାଗଡ଼ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାକାର୍ଯ୍ୟର ନିରୀକ୍ଷଣ ଓ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ପି ଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଲାଠିପଡ଼ା, ପି ଏମ୍ ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼, ପି ଏମ୍ ଶ୍ରୀ ଏନ୍ ଏ ସି ଉଚ୍ଚ ବିଦ୍ୟାଳୟ ନୟାଗଡ଼, ପି ଏମ୍ ଶ୍ରୀ ହାଇଅର୍ ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟ ମହିପୁର, ପି ଏମ୍ ଶ୍ରୀ ସୋଲପଟା ଉଚ୍ଚ ବିଦ୍ୟାଳୟ ପରେ ପି ଏମ୍ ଶ୍ରୀ ଆର ସି ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ା ଆଦି ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରିଥିଲେ। ସରକାରଙ୍କର ବିଭିନ୍ନ ଯୋଜନା ଗୁଡ଼ିକ ଓ ପି ଏମ୍ ଶ୍ରୀ ବିଦ୍ୟାଳୟର ସୁପରିଚାଳନା ପାଇଁ ମତ ବ୍ୟକ୍ତ କରିବା ସହ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇଥିଲେ। ପରିଦର୍ଶନ ସମୟରେ ଶିଶୁ ବାଟିକା କାର୍ଯ୍ୟକ୍ରମ ସୁଚାରୁ ଭାବେ ଚାଲୁଥିବା ଦେଖାଯାଇଥିଲା। ଖେଳାଧାରିତ ଶିକ୍ଷା ପ୍ରଣାଳୀ ଓ ଟିଚିଂ–ଲର୍ଣ୍ଣିଂ ମେଟେରିଆଲ (ଯାଦୁ ପେଟି) ବ୍ୟବହାର ବ୍ୟାପକ ଭାବରେ ହେଉଥିବା ପରିଲକ୍ଷିତ କରି ଖୁସୀ ବ୍ୟକ୍ତ କରିଥିଲେ। ସମସ୍ତ ବିଦ୍ୟାଳୟରେ ଶିକ୍ଷଣ ସୋପାନ ରେଜିଷ୍ଟର ରଖାଯାଇଥିବା ସହ ପାଠନ ଅଭିଯାନ ଓ ରିମେଡିଆଲ ସହାୟତା ସକ୍ରିୟ ଭାବେ କାର୍ଯ୍ୟକରୀ ହେଉଥିବା ଦେଖିଥିଲେ। ତାଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବନଲତା ବେହେରା, ବ୍ଲକ୍ ଶିକ୍ଷା ଅଧିକାରୀ ନୂଆଗାଁ, ବ୍ଲକ୍ ଶିକ୍ଷା ଅଧିକାରୀ ଗଣିଆ ଉପସ୍ଥିତ ଥିଲେ ।

# କାଗଜପତ୍ରରେ ଚଞ୍ଚକତା କରି ସମ୍ପତ୍ତି ହାତେଇବାକୁ ମସୁଧା




କାକଟପୁର, ୬।୧୦ (ନି.ପ୍ର): ଉତ୍ତରାଧିକାରୀ ପ୍ରମାଣପତ୍ରକୁ ନେଇ କାକଟପୁର ତହସିଲରେ ଏକ ପାରିବାରିକ ବିବାଦ ସାମ୍ନାକୁ ଆସିଛି । ପରିଚୟ ପତ୍ର ସହିତ ଶିକ୍ଷାଗତ ପ୍ରମାଣ ପତ୍ରରେ ପିତାଙ୍କ ନାମ ଓ ଜନ୍ମତାରିଖରେ ପରିବର୍ତ୍ତନ କରି ଜଣେ ଅଙ୍ଗନବାଡି କର୍ମୀ ଅନ୍ୟ ଜଣଙ୍କ ସମ୍ପତ୍ତିରେ ଉତ୍ତରାଧିକାର ଦାବି କରି ସମ୍ପତ୍ତି ହାତେଇବାକୁ ମସୁଧା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ମାମଲା ଏବେ ସିଭିଲ କୋର୍ଟରେ ବିଚାରାଧୀନ ଥିବାବେଳେ ସମ୍ପୃକ୍ତ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନକୁ ତହସିଲ ପକ୍ଷରୁ ଖାରଜ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, କାକଟପୁର ବ୍ଲକ ଅଧୀନ କଜଳପାତିଆ ଗ୍ରାମର ଗୋବିନ୍ଦ ନାୟକଙ୍କ ଝିଅ ପଦ୍ମାବତୀ ଦେଇ ବର୍ତ୍ତମାନ ଗୋପ ବ୍ଲକ ଅଧୀନ ତିରୁଣା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଭାବେ କାର୍ଯ୍ୟରତ। ତାଙ୍କର ବିଭିନ୍ନ କାଗଜ ପତ୍ରରେ ପିତାଙ୍କ ନାମ ଓ ଜନ୍ମତାରିଖ ସମ୍ପର୍କରେ ଭିନ୍ନ ତଥ୍ୟ ଥିବା ଅଭିଯୋଗ ଉଠିଛି।

ସୂଚନା ଅନୁଯାଇ ସାଡେଙ୍ଗା ଗ୍ରାମର ସ୍ୱର୍ଗତ ଗନ୍ଧର୍ବ ମହାନ୍ତି ୧୯୬୭ ମସିହାରେ କୋଠମୂଳ ଗ୍ରାମର ପ୍ରେମଲତାଙ୍କୁ ବିବାହ କରିଥିଲେ। ବିବାହର କିଛିମାସ ପରେ ଗନ୍ଧର୍ବଙ୍କ ମୃତ୍ୟୁ ଘଟିଥିଲା। ୧୯୭୦ ମସିହାରେ କଜଳପାତିଆ ଗ୍ରାମର ଗୋବିନ୍ଦ ନାୟକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ୧୯୭୧ ମସିହାରେ ଗୋବିନ୍ଦ ଓ ପ୍ରେମଲତାଙ୍କ ଔରସରୁ ପଦ୍ମାବତୀ ଜନ୍ମଗ୍ରହଣ କରିଥିବା ଅଭିଯୋଗକାରୀ ଦାବି କରିଛନ୍ତି। ତେବେ ପଦ୍ମାବତୀଙ୍କ ସ୍କୁଲ ନାମଲେଖା ସମୟରେ ପିତାଙ୍କ ନାମ ଗୋବିନ୍ଦ ନାୟକ ଥିବାବେଳେ ପରବର୍ତ୍ତୀ ସମୟରେ ମାଟ୍ରିକ ଶିକ୍ଷା ସମୟରେ ପିତାଙ୍କ ନାମ ଗନ୍ଧର୍ବ ମହାନ୍ତି ଏବଂ ଜନ୍ମବର୍ଷ ୧୯୭୨ କରାଯାଇଥିବା ଅଭିଯୋଗ ହୋଇଛି। ଏହାପରେ ଭୋଟର କାର୍ଡରେ ମଧ୍ୟ ଜନ୍ମବର୍ଷ ୧୯୭୬ ଦର୍ଶାଯାଇଥିବା ଅଭିଯୋଗ ରହିଛି। ଏହି ସମସ୍ତ କାଗଜପତ୍ର ଗୁଡ଼ିକୁ ଆଧାର କରି ଗନ୍ଧର୍ବ ମହାନ୍ତିଙ୍କ ଉତ୍ତରାଧିକାରୀ ଭାବେ ନିଜକୁ ଦାବି କରି ତାଙ୍କ ସମ୍ପତ୍ତି ଉପରେ ଅଧିକାର ପାଇଁ କାକଟପୁର ତହସିଲରେ ଉତ୍ତରାଧିକାରୀ ପ୍ରମାଣପତ୍ର ନିମନ୍ତେ ଆବେଦନ କରାଯାଇଥିବାବେଳେ ଗନ୍ଧର୍ବ ମହାନ୍ତିଙ୍କ ବଡ଼ଭାଇ ସ୍ୱର୍ଗତ ଜଗ୍ନେଶ୍ୱର ମହାନ୍ତିଙ୍କ ପୁତ୍ର ଆଦିତ୍ୟ ମହାନ୍ତି ଏହାକୁ ବିରୋଧ କରି ସିଭିଲ କୋର୍ଟରେ ଟାଇଟଲ ସୁଟ୍ ନମ୍ବର ୮୪/ ୨୦୧୮ ରୁଜୁ କରିଥିବା ଜଣାପଡ଼ିଛି। ମାମଲାଟି ବର୍ତ୍ତମାନ ବିଚାରାଧୀନ ରହିଛି। ଏହି ପରିପ୍ରେକ୍ଷୀରେ କାକଟପୁର ତହସିଲ ପକ୍ଷରୁ ଉପଲବ୍ଧ ତଥ୍ୟ ଓ ଆଇନଗତ ସ୍ଥିତିକୁ ବିଚାର କରି ସମ୍ପୃକ୍ତ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନକୁ ଖାରଜ କରାଯାଇଥିବା ଜଣାପଡ଼ିଛି।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ

ଖୋର୍ଦ୍ଧା, ୬।୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ କୁମାରୀ ପ୍ରହରାଜ ସ୍ୱାଗତ ଅଭିଭାଷଣ ବକ୍ତବ୍ୟରେ ପୋଷଣ ମାସ ପାଳନର ପାଞ୍ଚଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଯଥା ମାତୃ ଓ ଶିଶୁ ପୋଷଣ, ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତ୍ତେଜନା (୩ବର୍ଷ), ପ୍ରାରମ୍ଭିକ



ବୟସରେ ଖେଳାଧାରିତ ଶିକ୍ଷା (୩୬ ବର୍ଷ), ଶିଶୁମାନଙ୍କର ସ୍କ୍ରିନ୍ ସମୟ ହ୍ରାସ କରିବାରେ ଅଭିଭାବକ ଓ ସମୁଦାୟର ଭୂମିକା ଏବଂ ଶକ୍ତିଶାଳୀ ଅଙ୍ଗନବାଡ଼ି କେନ୍ଦ୍ର ଗଠନରେ ସମୁଦାୟର ସହଯୋଗ। ଏହି ଅବସରରେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ ଯେ, ଜିଲ୍ଲାର କୌଣସି ମା କିମ୍ବା ଶିଶୁ ଯେପରି ପୋଷଣ ଅଭାବର ଶିକାର ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ନିମନ୍ତେ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିସହ ପୁଷ୍ଟିକର ଖାଦ୍ୟ, ଆଦ୍ୟଶୈଶବ ଯନ୍ତ୍ର ଓ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପକରଣର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହା ସହିତ ରକ୍ତହୀନତା ପରୀକ୍ଷା ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । କିଛି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପ୍ରତାପ ଚନ୍ଦ୍ର ବେଉରା ପୁରସ୍କୃତ କରିଥିଲେ । ପରିଶେଷରେ ଜିଲ୍ଲା ସୁରକ୍ଷା ଅଧିକାରୀ (ଘରୋଇହିଂସା) ଶ୍ରୀମତୀ ଦେବକୀ ସାହୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

### ୮ ତାରିଖରେ ଓଡ଼ିଶା ବନ୍ଦ ଡାକରା

# ୪ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

ପିପିଲି, ୬।୧୦ (ନି.ପ୍ର): ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ। ୪ ଦଫା ଦାବି ନେଇ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏହି ବନ୍ଦକୁ ସଫଳ କରିବା ପାଇଁ ଆଜି ପିପିଲି ବଜାରରେ କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ସାଧାରଣ ଲୋକଙ୍କୁ ସଚେତନ କରାଯିବା ସହ ସହଯୋଗ ପାଇଁ ଅପିଲ କରାଯାଇଛି।

ଏମଏମଡିଆର ଆକ୍ଟ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ବନ୍ୟା ଓ ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଆନ୍ଦୋଳନକୁ ତୀବ୍ର କରିବାକୁ ଘୋଷଣା କରିଛି। ଏପରିକି ଅଖ ଚକ ବନ୍ଦ ଡାକରା ଦେଇଛି କଂଗ୍ରେସ। କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଥପ୍ରାନ୍ତ ସଭାରେ ରାଜ୍ୟ କଂଗ୍ରେସ ଉପସଭାନେତ୍ରୀ ତଥା ପୁରୀ ଜିଲ୍ଲା ପ୍ରଭାରୀ ସସ୍ମିତା ବେହେରା, ପିସିସି ସମ୍ପାଦକ ସୋନାଲୀ ସାହୁ, ପୁରୀ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମଙ୍ଗରାଜ, ପିସିସି ସାଧାରଣ ସମ୍ପାଦକ ନଳିନୀ କୁମାର ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ତଥା ପିପିଲି କଂଗ୍ରେସ ନେତା ପ୍ରୀୟବ୍ରତ ସାମନ୍ତରାୟ, ବରିଷ୍ଠ ନେତା ଧୀରେନ୍ଦ୍ର ସାମନ୍ତରାୟ, ଜିଲ୍ଲା ଉପସଭାପତି ଗୁଣନିଧି ପ୍ରଧାନ, ପିପିଲି ବ୍ଲକ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡ଼ା, ଡେଲାଙ୍ଗ ବ୍ଲକ୍ ସଭାପତି ନିର୍ମଳ କୁମାର ପରିଜା, ଏନଏସି କଂଗ୍ରେସ ସଭାପତି ରଜନୀକାନ୍ତ ବସ୍ତିଆ, ଯୁବ କଂଗ୍ରେସ ସଭାପତି ଲାଲା ରାକେଶ ରାୟଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ। ସଭାରେ ନେତାମାନେ ଆସନ୍ତା ୮ ତାରିଖର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ବ୍ୟବସାୟୀ, ଯୁବକ, ଛାତ୍ର, ମହିଳା ଓ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ିଥିଲେ। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଓ ବିଭିନ୍ନ ଜନସମସ୍ୟାକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା କଂଗ୍ରେସ ନେତାମାନେ କହିଥିଲେ।



# ମିଳିତ ସହଯୋଗରେ ସ୍ୱଚ୍ଛତା ଓ ସେବା ଉତ୍ସବ



ନୟାଗଡ଼, ୬।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିସ ଠାରୁ ଏକମାସ ବ୍ୟାପୀ ଚାଲିଥିବା ସ୍ୱଚ୍ଛତା ଓ ସେବା ଉତ୍ସବ ଅବସରରେ ନୟାଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ, ସିନ୍ଦୁରିଆ ମିଳିତ ଭାବରେ ଆଜି ପୂର୍ବାହ୍ନରେ ସ୍ୱଚ୍ଛତା ହିଁ ସେବା ଉତ୍ସବ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ନୟାଗଡ଼ ଐଶ୍ୱର୍ଯ୍ୟା ଭୂଇଁୟା, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ଦଳବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ, ବରିଷ୍ଠ ଶିକ୍ଷକ ଶେଖ୍ ଅବଦୁଲ୍ ଖାଲିକ୍, ବ୍ଲକ୍ ସହକାରୀ ଯନ୍ତ୍ରୀ ମୋନାଲିସା ଶତପଥୀ, ବ୍ଲକ୍ ବି.ଆ଼, ସି ଦୀପକ କୁମାର୍ ପଟ୍ଟନାୟକ,ସିନ୍ଦୁରିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ବେହେରା,କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରହଲ୍ଲାଦ ପ୍ରଧାନ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଭାପତି ଭଗବାନ୍ ଜେନା, ବିଦ୍ୟାଳୟ ପରିଚାଳନ କମିଟିର ସଭାପତି ସନ୍ତୋଷ କୁମାର ପ୍ରଧାନ, ଯୁବ ସମାଜସେବୀ ଅବଦୁଲ୍ ଆହାଦ୍, ମୁବାସିରା ମଲ୍ଲିକ୍,ଶିଷ୍ଟ ସଂଗଠକ ଶେଖ୍ ଅବଦୁଲ୍ ମାଜିଦ୍, ସ୍ୱାଲେହୁଜମା, ରଜାକ୍ ଖାଁ, ବିଦ୍ୟାଳୟର ପୂର୍ବତନ ସଭାପତି ସନ୍ତୋଷ ସାହୁ ଓ ହାସିମ୍ ଖାଁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବିଦ୍ୟାଳୟ ପରିସରକୁ ସଫା କରିବା ସହିତ ରାସ୍ତାଘାଟରେ ଝାଡୁଦେଇଥିଲେ ଏଥି ସହିତ ବିଦ୍ୟାଳୟ ହତାରେ ଏକ୍ ପେଡ୍ ମାଁ କେ ନାମ୍ ଅଧୀନରେ ଦରକାରୀ ବୃକ୍ଷ ବି.ଡି.ଓ ଐଶ୍ୱର୍ଯ୍ୟା ଭୂଇଁୟା ଓ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ ରୋପଣ କରିଥଲେ ପରେ ପରେ ସମସ୍ତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ସ୍ୱଚ୍ଛତା ର ଶପଥ ପାଠ କରିଥିଲେ ଏହି କାର୍ଯ୍ୟକ୍ରମକୁ ଯଥାକ୍ରମେ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ବାରିକ୍, ଜିତେନ୍ଦ୍ର ଗୁରୁ, ସହକାରୀ ଶିକ୍ଷୟିତ୍ରୀ ମଗନମ୍ ଜାହଁ, ତ୍ରିପୁରା ସେଠୀ ଓ ସୁଷମା ବିଶ୍ୱାଳ ପ୍ରମୁଖ ପରିଚାଳନ କରିଥିଲେ।

# ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଗଣିଆ, ୬।୧୦ (ନି.ପ୍ର): ଅକ୍ଟୋବର ୨ ତାରିଖ ଠାରୁ ବିଜୁ ଜନତା ଦଳ ତରଫରୁ ସାରା ରାଜ୍ୟରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ପରୀପ୍ରେକ୍ଷୀରେ ଗଣିଆରେ ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଗଣିଆ ବ୍ଲକ ସଭାପତି ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, କିଶୋର ପ୍ରସାଦର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ଆଉକଠାର ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ,୮ଟି ପଞ୍ଚାୟତର ବିଜୁ ଜନତା ଦଳର ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତା, ଆଗଧାଡିର କର୍ମୀ ଉପସ୍ଥିତ ଥିଲେ । ସମସ୍ତ କର୍ମୀମାନେ ଏକତ୍ରିତ ହୋଇ ଏହି ପଦଯାତ୍ରାରେ ସାମିଲ ହେବାକୁ ବ୍ଲକ ସଭାପତି ମତ ଦେଇଥିଲେ। ଗାଁ ଗାଁରେ ପହଞ୍ଚି ବର୍ତ୍ତମାନ ସରକାରଙ୍କ ଅପାରଗତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାକୁ ବିଧାୟକ ନିବେଦନ କରିଥିଲେ । ଏହି ପଦଯାତ୍ରା ଗଣିଆରେ ୪ ଦିନ ହେବ ବୋଲି ଜଣାପଡିଛି।

# ରାମକୃଷ୍ଣ ମଠ ଓ ମିଶନ ପକ୍ଷରୁ ସ୍ୱତନ୍ତ୍ର ରିଲିଫ ଶିବିର ଅନୁଷ୍ଠିତ

ଡେଲାଙ୍ଗ, ୬।୧୦ (ନି.ପ୍ର): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚାଇଁପୁର ଗ୍ରାମପଞ୍ଚାୟତର ଷଡାଙ୍ଗୋଇ (ଗୋରଡାପିଢ) ମଙ୍ଗଳାପୀଠ ପ୍ରାଙ୍ଗଣରେ ରାମକୃଷ୍ଣ ମଠ ଓ ମିଶନ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ରିଲିଫ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହନ୍ତ ମହାରାଜ ଆଦୌଲିଆ ନନ୍ଦ ବାବାଙ୍କୁ ହରିବୋଲ ହୁଳହୁଳି ଧୂପଦୀପ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହି ଅନୁଷ୍ଠାନରେ ରାମକୃଷ୍ଣ ମଠ ଓ ମିଶନ ତରଫରୁ ଅନ୍ୟୁନ ଏକସହ ପରିବାରର ଦୁଇଶହ ଗରିବ ଓ ହରିଜନ ବ୍ୟକ୍ତି ଉଭୟ ପୁରୁଷ ଏବଂ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ହୁଲାସ ମହାପାତ୍ର, ମୁଖ୍ୟ ଅତିଥି ଓ ଅନୁଦାନର ଉତ୍ସ ମହନ୍ତରାଜ ଆଦୌଲିଆ ନନ୍ଦ ମହାରାଜ ଜୀ ଯୋଗଦେଇ ପରମ ପୁରୁଷ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଶୈଳୀ, ଆଦର୍ଶ ଓ ବାର୍ତ୍ତା ବିଷୟରେ ବିଷଦଭାବେ ବୁଝାଇ କହିଥିଲେ । ଭୁବନେଶ୍ୱର ରାମକୃଷ୍ଣ ମିଶନ ମଠ ତରଫରୁ ବନ୍ଧୁସଭ୍ୟ ଅଶୋକ କୁମାର ଓ ଶ୍ରୀ ମାଧବ ବାବୁ ଏହି ସଭାରେ ଏହି ଆଧ୍ୟାତ୍ମିକ ସଂସ୍ଥାର ସାମାଜିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶେଷ ସୂଚନା ପ୍ରଦାନ କରିଥିଲେ ଏହି



କାର୍ଯ୍ୟକ୍ରମ କୁ ଆୟୋଜନ କରିଥିଲେ ଚାଇଁପୁର ଗ୍ରାମପଞ୍ଚାୟତ ର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା ଏଥିରେ ଓଡିଶା ମହିଳା ବିକାଶ ମଞ୍ଚ ଅନ୍ୟ ଏକ ସହଯୋଗୀ ଭାବେ ଉପଭୋକ୍ତା ସମୀକରଣରେ ସହଯୋଗ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ଅନୁପ ପରିଡା, ଅବସରପ୍ରାପ୍ତ ରେଳବାଇ ଅଧିକାରୀ ଯୁଧିଷ୍ଠିର ପରିଡା ଏଂ ଗନ୍ଧର୍ବ ବଳ,ବରିଷ୍ଠ ନାଗରିକ ସଂଯୋଜକ ପୁରୋତ୍ତମ ବାରଳ, ବିଶ୍ୱରଂଜନ ପରିଡା, କବିରାଜ ସ୍ୱାଇଁ, ଦୀପକ ପରିଡା,ବାବୁ ପରିଡା,ରଘୁନାଥ ରାଉତ, ବିଷ୍ଣୁ ପରିଡା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରାକ୍ତନ ସରପଞ୍ଚ ଶ୍ରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ !

# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଜଟଣୀରେ କଂଗ୍ରେସର ଶୋଭାଯାତ୍ରା

ଜଟଣୀ, ୬।୧୦ (ନି.ପ୍ର): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଜଟଣୀରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଭୋଟ ଚୋରି ପ୍ରସଙ୍ଗକୁ ନେଇ ଇଣ୍ଡିଆ ମେଣ୍ଟ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ




ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଡମୁଣେଇ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଆସନ୍ତା ୮ ତାରିଖ ଦିନ ଦୋକାନ ବଜାର,ସ୍କୁଲ,କଲେଜ,ସରକାରୀ ଅଫିସ,ଯାନବାହନ ସକାଳ ୬ ଘଟିକଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପ୍ରିୟବ୍ରତ ସାମନ୍ତରାୟ,ପିସିସି ଉପସଭାପତି ବିଶ୍ୱ ରଞ୍ଜନ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଜାନକୀ ପଟ୍ଟନାୟକ, ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ପିସିସି ସାଧାରଣ ସମ୍ପାଦକ ରସିକ ପଟ୍ଟନାୟକ, ପିସିସି ସମ୍ପାଦକ ଅଶୋକ ମଙ୍ଗରାଜ, ସ୍ୱାଗତିକା ପଟ୍ଟନାୟକ,ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ବେଣୁ ଭୋଇ, ସଦାଶିବ ମହାପାତ୍ର, ରଞ୍ଜିତ ମହାପାତ୍ର, ଅମିତ୍ ମହାନ୍ତି, ସଇଲେନ୍ଦୁ ଦାସ, ଶୁଭ୍ରାଂଶୁ ପଟ୍ଟନାୟକ,ପ୍ରତାପ ବେହେରା, ତାପସ ମିଶ୍ର, ଶିବପ୍ରସାଦ ଦାସଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ।

# ଦେଶୀ ମଦ ଜବତ, ୨ ଗିରଫ

ଦଶପଲ୍ଲା, ୬।୧୦ (ନି.ପ୍ର): ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ପୃଥକ ପୃଥକ ସ୍ଥାନରେ ଚଢାଉ କରାଯାଇଥିଲା। ନୟାଗଡ଼ ଜିଲ୍ଲା ନୂଆଗାଁ ଥୁଆବାରୀ ଗ୍ରାମର



ନିରଞ୍ଜନ ସାହୁ (୪୬)ଙ୍କୁ ଗୋପାଳପୁର ଛକ ଠାରୁ ୧୪ଲିଟରେ ଦେଶୀ ମଦ ଜବତ ସହିତ ଗିରଫ କରିଛନ୍ତି। ସେହିଭଳି ଦଶପଲ୍ଲା ଥାନା ଅନ୍ତର୍ଗତ ଖଳିସାହି ଗ୍ରାମର ବିରଞ୍ଚି ନାଏକ (୩୮)ଙ୍କ ଠାରୁ ୧୨ଲିଟର ଦେଶୀ ମଦ ଜବତ ଗିରଫ କରିଛନ୍ତି। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

# ୫୩ତମ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ପ୍ରସ୍ତୁତି ବୈଠକ



କଣ୍ଟିଲୋ, ୬।୧୦ (ନି.ପ୍ର): କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁ ସାହୁ ପାଟଣା ଠାରେ ଆଜିକୁ ପ୍ରାୟ ୫୨ ବର୍ଷ ଧରି ଲଗାତର ଭାବେ ଚାଲିଆସୁଥିବା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞର ଚଳିତ ବର୍ଷ ୫୩ ତମ ବାର୍ଷିକ । ଏହି କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେଥିପାଇଁ ପ୍ରସ୍ତୁତି ବୈଠକ ଶେଷ ହୋଇଯାଇଛି। ସୂଚନା ଯୋଗ୍ୟ ଆସନ୍ତା ଅକ୍ଟୋବର ୧୬ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ଦିନର ବିଶ୍ରାମ ସହ ୯ ଦିନ ବ୍ୟାପୀ ଏହି ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ କରାଯିବାର ଆପାତତଃ ସ୍ଥିର ହୋଇଛି। ପ୍ରତ୍ୟେକ କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପୂର୍ଣ୍ଣ ହେବ ସେଥିପାଇଁ ଯଜ୍ଞ କମିଟି ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ତଥା ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ କମିଟି ସଦସ୍ୟ ତଥା ସ୍ଥାନୀୟ ବାସିନ୍ଦା ମାନେ ସ୍ୱୀକୃତି ଦେଇଥିଲେ। ଏହି ଯଜ୍ଞ ମହୋତ୍ସବର ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ଯଥା – ଯଜ୍ଞ, ପ୍ରବଚନ, ଅଷ୍ଟପ୍ରହର, ନାମଯଜ୍ଞ,ରାବଣ ପୋଡ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାମାଜିକ ନାଟକ ପ୍ରଭୃତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଉପସ୍ଥିତ ଥିବା କର୍ମକର୍ତ୍ତା ତଥା କମିଟି ସଦସ୍ୟ ମାନେ ଯଥାକ୍ରମେ – ସ୍ୱପ୍ନେଶ୍ୱର ସାହୁ, ମାନ ଗୋବିନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାହୁ,ନୀଳକଣ୍ଠ ସାହୁ, ବିଷ୍ଣୁ ପ୍ରସାଦ ମହାରଣା, ଅମୀୟ କୁମାର ସାହୁ, କାଶୀନାଥ ମହାରଣା,ଅଶୋକ କୁମାର ମହାରଣା, ମାଧବ ଚନ୍ଦ୍ର ସାମଲ,ବଳରାମ ସାହୁ,ସତ୍ୟବାଦି ଦାସ ଓ ପତିତପାବନ ସାହୁ ଙ୍କ ସମେତ ଆହୁରି ଅନେକ ସ୍ଥାନୀୟ ବାସିନ୍ଦା ମାନେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ମତାମତ ପ୍ରଦାନ କରିଥିଲେ।



**ପାଦଚିହ୍ନ**

ଭଗବାନ ସେମାନଙ୍କୁ ସାହାଯ୍ୟ କରନ୍ତି ନାହିଁ ଯେଉଁମାନେ ସ୍ୱୟଂ ନିଜକୁ ସାହାଯ୍ୟ କରନ୍ତି ନାହିଁ ।

## ସମ୍ପାଦକୀୟ

# ପ୍ରସ୍ତୁତି ଜୋରଦାର ହେଉ

ଆଇଚି-ନାଗୋୟା ଏସିଆନ ଗେମ୍ସରେ ଭାରତ ୮୫ ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହିଲା–୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ ବ୍ରୋଞ୍ଜ । ଚୀନ ୧୬୯ ସ୍ୱର୍ଣ୍ଣ ସହ ୩୪୧, ଜାପାନ ୮୩ ସ୍ୱର୍ଣ୍ଣ ସହ ୨୬୯ ଏବଂ ଦକ୍ଷିଣ କୋରିଆ ୩୯ ସ୍ୱର୍ଣ୍ଣ ସହ ୧୫୦ ପଦକ ହାସଲ କରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଲେ । ଭାରତ ଯେ ନାଗୋୟାରେ ଖରାପ ପ୍ରଦର୍ଶନ କରିଛି ଏହା କୁହାଯାଉନାହିଁ । ଭଲ ପ୍ରଦର୍ଶନ କରିଛି, କିନ୍ତୁ ଆହୁରି ଭଲ ପ୍ରଦର୍ଶନ କରିଥିଲେ ଆହୁରି ଭଲ ହୋଇଥାନ୍ତା । ଉଭୟ ହକି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଛି ଭାରତ, ଏହା ସହ କ୍ରିକେଟ ଓ କବାଡ଼ିରେ ମଧ୍ୟ । ଇଣ୍ଡିଭିଜୁଆଲ ରିକର୍ଭ ସ୍ୱର୍ଣ୍ଣ ବିଜୟିନୀ ହେବାରେ କୁମ୍‌କୁମ ମୋହଦ ପ୍ରଥମ ଭାରତୀୟ ମହିଳା ଆର୍ଚର୍ ହୋଇଛନ୍ତି । ନିରୁ ଧଣ୍ଡା ଶୁଟିଂରେ କମାଲ ଦେଖାଇଛନ୍ତି । ବହୁତ ଭଲ ପ୍ରଦର୍ଶନ ହୋଇଛି ଏହା ଅସ୍ୱୀକାର କରାଯାଉନାହିଁ । ୨୦୨୨ରେ ହାଙ୍ଗଝୌ ଏସିଆନ ଗେମ୍ସରେ ଭାରତ ଜିତିଥିଲା ୨୮ ସ୍ୱର୍ଣ୍ଣ ସହ ୧୦୬ ପଦକ। ୨୦୨୬ରେ ନାଗୋୟାରେ ୮୫ ପଦକ ଭାରତର ସେକେଣ୍ଡ ବେଷ୍ଟ ପ୍ରଦର୍ଶନ। ହାଙ୍ଗଝୌ ତୁଳନାରେ କମିଗଲା ୨୧ ପଦକ।



୪୯୫ ସଦସ୍ୟ ବିଶିଷ୍ଟ ଭାରତୀୟ କ୍ରୀଡ଼ାବିତ୍ ଭାଗ ନେଇଥିଲେ ନାଗୋୟାରେ, ୩୬ କ୍ରୀଡ଼ା ବର୍ଗରେ। ୨୦୧ ଆଥଲେଟ୍ସ ୨୨ଟି କ୍ରୀଡ଼ା ବର୍ଗରେ ମାତ୍ର ୬ଟି ବ୍ରୋଞ୍ଜ ଜିତିଲେ । ୧୩୭ ଆଥ୍‌ଲେଟ୍ସ ୧୬ କ୍ରୀଡ଼ା ବର୍ଗରେ ଗୋଟିଏ ବି ପଦକ ଜିତି ପାରିଲେନାହିଁ, ୬୪ ଆଥଲେଟ୍ସ ୬ଟି ବ୍ରୋଞ୍ଜ ଜିତିଲେ କୁରାଶ, ମିକ୍ସଡ଼ ମାରିଟାଲ ଆର୍ଟ୍ସ, ରୋଇଂ, ସେପକ୍‌ଟାକ୍ରା, ସଫ୍ଟ ଟେନିସ ଏବଂ ଓ୍ୱୁଶୁରେ । ହାଙ୍ଗଝୌରେ ଭାରତକୁ ୬ ଆଥଲେଟିକ୍ସ ସ୍ୱର୍ଣ୍ଣ ମିଳିଥିଲା, ଏଥର କେବଳ ଗୋଟିଏ ସ୍ୱର୍ଣ୍ଣ ମହିଳା ୪X୪୦୦ ମିଟର ରିଲେରେ । ବ୍ୟାଡ଼ମିଣ୍ଟନରେ ଭାରତର ଖୁବ୍ ସୁନାମ ରହିଛି, କିନ୍ତୁ ଆଇଚି-ନାଗୋୟାରେ ମିଳିଲା ମାତ୍ର ଗୋଟିଏ ମେଡ଼ାଲ । ହାଙ୍ଗଝୌରେ ଭାରତ ଶୁଟିଂରେ ୭ ସ୍ୱର୍ଣ୍ଣ ପାଇଥିଲା, ନାଗୋୟାରେ କମିଗଲା। ସମୀକ୍ଷାରୁ ତ ଅନେକ କିଛି ବାହାରିବ । ଯାହା ହୋଇଗଲା, ତାହା ହୋଇଗଲା । ଏବେ ଭବିଷ୍ୟତ ଉପରେ ନଜର ରହିବା ଆବଶ୍ୟକ। ୨୦୨୮ରେ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ, ଆଉ ଦୁଇ ବର୍ଷ ବାକି । ୨୦୩୦ରେ ଦୋହା ଏସିଆନ ଗେମ୍ସ, ଆଉ ଚାରି ବର୍ଷ ବାକି । ଏଥିପାଇଁ କ୍ରୀଡ଼ାବିତ୍‌ଙ୍କ ପ୍ରସ୍ତୁତି ଜୋରଦାର ହେବା ଆବଶ୍ୟକ। କେନ୍ଦ୍ର ସରକାର ମଧ୍ୟ କ୍ରୀଡ଼ା କ୍ଷେତ୍ରରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କେବଳ ଭାରତୀୟ ଏକ୍ସପର୍ଟ, ଚାମ୍ପିୟନଶିପ ଓ କମ୍ପିଟିସନ ନୁହେଁ, ବିଦେଶୀ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ମଧ୍ୟ ବ୍ୟୟ ହେଉଛି କୋଟି କୋଟି ଟଙ୍କା । ତୃଣମୂଳ ସ୍ତରରେ ବି ବିକାଶ କରାଯାଉଛି । ଆଶା କରିବା ଭାରତ ବୈଶ୍ୱିକ ସ୍ତରରେ ଆହୁରି ଭଲ କରିବ ।

# ବନ୍ଦ ହେଉ ଅଣଛାତ୍ରଙ୍କ ଅନୁପ୍ରବେଶ

ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେଲା । ପୂର୍ଣ୍ଣଚ୍ଛେଦ ପଡ଼ିଲା ୮ ବର୍ଷର ଅପେକ୍ଷାରେ । ନିର୍ବାଚନ ଘୋଷଣା କରିଥିବାରୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କର ଖୁବ୍ ପ୍ରଶଂସା କରିଛନ୍ତି ଛାତ୍ର ଛାତ୍ରୀ।



ନିର୍ବାଚନ ଘୋଷଣା ପରେ ପରେ କ୍ୟାମ୍ପସ ମଧ୍ୟ କମ୍ପୁଛି । ପ୍ରଚାର ଆରମ୍ଭ ହୋଇଗଲାଣି। ୧୫ରେ ନିର୍ବାଚନ ହେବାକୁ ଯାଉଥିବାରୁ ପ୍ରଚାର ପାଇଁ ସମୟ ବି ବହୁତ କମ୍ । ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ବନ୍ଦ ରହିଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ଆମେ ପ୍ରତିଶ୍ରୁତି ଦେଇଥିଲୁ, କିନ୍ତୁ ଆକାଡ଼େମିକ୍ ଆକ୍ଟିଭିଟିଜ ବାଧାପ୍ରାପ୍ତ ନହେଉ ଏହା ଆମେ ଚାହୁଁ କାରଣ ଶିକ୍ଷାଲାଭ ହିଁ ପ୍ରାଥମିକତା । ନିର୍ବାଚନ ଘୋଷଣା ପରେ ପରେ ଏବେ ଆଉ ଏକ ସମସ୍ୟା ଆଶଙ୍କା ବଢ଼ିଛି । ତାହା ହେଉଛି କ୍ୟାମ୍ପସରେ ନିର୍ବାଚନ ସମୟରେ ଅଣଛାତ୍ରଙ୍କ ପ୍ରବେଶ । ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଆବଶ୍ୟକ। ନିର୍ବାଚନ ବେଳେ ଅଣଛାତ୍ରଙ୍କ ପ୍ରବେଶ ବନ୍ଦ ହେଲେ କ୍ୟାମ୍ପସରେ ଗଣ୍ଡଗୋଳ ଆଶଙ୍କା ବି ହ୍ରାସ ପାଇବ । ରାଜ୍ୟ ପୋଲିସ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ଗ୍ରହଣ କରାଯାଉ । କ୍ୟାମ୍ପସରେ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ନହେଉ ।

# ଶାନ୍ତି ଓ ଅଶାନ୍ତି




ଜଣେ ଜେନ୍ ସନ୍ୟାସୀ ଏକ ଛୋଟ ଗାଁକୁ ଆସିଥିଲେ । ଏହି ସମୟରେ ଗାଁର ଲୋକମାନେ ଏକାଠି ହୋଇ ନିଜ ନିଜର ଅନୁରୋଧ ତାଙ୍କ ସମ୍ମୁଖରେ ରଖିଲେ । ସେମାନେ କହିଲେ ଦୟାକରି ଆମ ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ସାହାଯ୍ୟ କରନ୍ତୁ । ଆମର ସମସ୍ତ ଇଚ୍ଛା ପୂରଣ ହେଉ। ତାହାହେଲେ ଆମ ଜୀବନ ଆନନ୍ଦ ଓ ଶାନ୍ତିରେ ବିତି ପାରିବ। ସନ୍ୟାସୀ ନୀରବରେ ସେମାନଙ୍କ କଥା ଶୁଣିଲେ ଏବଂ ଏହି ବିଷୟରେ ଚିନ୍ତା କରି ଏକ ସ୍ୱର୍ଗୀୟ ଆକାଶବାଣୀର ବ୍ୟବସ୍ଥା କଲେ। ସନ୍ୟାସୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସେହି ଗ୍ରାମବାସୀମାନଙ୍କୁ ଏକ ଆକଶବାଣୀ ହେଲା ଯେ ଆସନ୍ତାକାଲି ମଧ୍ୟାହ୍ନ ସମୟରେ ଏକ ଚମତ୍କାର ଘଟିବ। ତୁମମାନଙ୍କର ସମସ୍ତ ସମସ୍ୟାକୁ ଏକ କାଳ୍ପନିକ ବସ୍ତାରେ ଭରି ନଦୀ ପାର କରି ବସ୍ତାରେ ଛାଡ଼ି ଆସ । ତା'ପରେ ସେହି କଳ୍ପନାର ବସ୍ତାରେ ଯାହା ଚାହୁଁଛ ସୁନା, ଅଳଙ୍କାର, ଖାଦ୍ୟ ଇତ୍ୟାଦି ଭରି ଘରକୁ ନେଇଆସ । ଏହା କଲେ ତା'ପରଦିନ ତୁମମାନଙ୍କର ସମସ୍ତ ଇଚ୍ଛା ପୂରଣ ହୋଇଯିବ । ସତକୁ ସତ ତା' ପରଦିନ ଭବିଷ୍ୟତବାଣୀଟି ସତ ହେଲା । ଯିଏ ଯାହା ଇଚ୍ଛା କରିଥିଲା ତାହା ତାକୁ ମିଳିଲା। ସମସ୍ତଙ୍କ ମନରେ ଆନନ୍ଦ ଓ ଶାନ୍ତିର ଲହରି ଖେଳିଗଲା। ସେମାନେ ସମସ୍ତେ ଯାଇ ସନ୍ୟାସୀଙ୍କୁ ଧନ୍ୟବାଦ ଦେଲେ। ଏହିପରି ଭାବେ କିଛିଦିନ ଚାଲିଗଲା। ତା'ପରେ ଆରମ୍ଭ ହୋଇଗଲା ପୁଣି ଅନୁତାପ, ଅଶାନ୍ତି ଓ ହିଂସାର ସାମ୍ରାଜ୍ୟ। ସମସ୍ତେ ନିଜ ନିଜ ଭିତରେ ତୁଳନା କରିବାରେ ଲାଗିଲେ। ଜଣେ ଭାବିଲା ପାଖ ଘର ଝିଅଟି ବଡ଼ ସୁନାହାର ମାଗିଲା। ମୁଁ ବଡ଼ ସୁନାହାର ମାଗିଥିଲେ ଭଲ ହୋଇଥାନ୍ତା। ଜଣେ ଲୋକ ଘରଟିଏ ମାଗିଥିଲା। ସିଏ ଭାବିଲା ଆହା ମୋ ସାମ୍ନାରେ ରହୁଥିବା ଲୋକଟି ଏକ ବଡ଼ ପ୍ରସାଦ ମାଗିଲା। ଏମିତି ସୁଯୋଗ ଜୀବନରେ ଆଉ ଆସିବ କି ତେଣୁ ମୁଁ କାହିଁକି ପ୍ରାସାଦ ମାଗିଲି ନାହିଁ। ଏହାର ମୋର ମୂର୍ଖାମୀ ଥିଲା । ଏହିପରି ଭାବରେ ସମସ୍ତଙ୍କ ମନରେ ପୁଣି ଅନୁତାପ ଓ ଅଶାନ୍ତି ଭର୍ତ୍ତି ହୋଇଗଲା ଏବଂ ସେମାନେ ପୁନଶ୍ଚ ସନ୍ୟାସୀଙ୍କ ପାଖକୁ ଗଲେ। ସେତେବେଳେ ସନ୍ୟାସୀ ସେମାନଙ୍କୁ ବୁଝାଇ କହିଲେ ତୁମ ମନ ଭିତରେ ଶାନ୍ତି ଓ ଅଶାନ୍ତି ଉଭୟ ଅଛନ୍ତି । ସନ୍ୟାସୀ କହିଲେ ତୁମେ ବାହ୍ୟ ଆଡ଼ମ୍ବରରେ ଶାନ୍ତି ପାଇପାରିବନାହିଁ । ଏହା ତୁମର ମନର ସ୍ଥିତି ମଧ୍ୟରେ ହିଁ ବିଦ୍ୟମାନ । ଶାନ୍ତି ବା ଆନନ୍ଦ ନିଜର କର୍ମ ଏବଂ ଧର୍ମରୁ ମିଳିଥାଏ । ଲୋଭ ଏବଂ ହିଂସାରୁ ଅଶାନ୍ତି ପ୍ରାପ୍ତ ହୁଏ ।

# ଶକ୍ତି ଉପାସନାରେ ତନ୍ତ୍ର ବିଦ୍ୟା

**ସନ୍ତୋଷ କୁମାର ଦାଶ**

ଓଡ଼ିଶାରେ ଶକ୍ତି ଉପାସନା ବହୁ ପ୍ରାଚୀନ କାଳରୁ ହୋଇ ଆସୁଥିବା ଐତିହାସିକମାନେ ପ୍ରକାଶ କରିଛନ୍ତି। ଶାକ୍ତ ତନ୍ତ୍ରର ଉଦ୍ଧରଣରେ ଜଗତଜନନୀ ଆଦ୍ୟାଶକ୍ତି ବହୁ ରୂପରେ ପୂଜା ପାଇ ଆସୁଛନ୍ତି ବିଭିନ୍ନ ସ୍ଥାନରେ। ତନ୍ମଧ୍ୟରେ ଅଷ୍ଟଚଣ୍ଡୀ, ସପ୍ତମାତୃକା, ନବଦୁର୍ଗା, ଦଶମହାବିଦ୍ୟା, ଅଷ୍ଟାଦଶମାତୃକା, ଚଉଷଠିଯୋଗିନୀ ଅନ୍ୟତମ। ପ୍ରତି ଗ୍ରାମରେ ପୂଜିତା ଗ୍ରାମଦେବତୀ ଶକ୍ତି ଉପାସନାର ନାମାନ୍ତର ମାତ୍ର। ସିନ୍ଧୁ ଉପତ୍ୟକା ଓ ଗୁପ୍ତଯୁଗ ସମୟରୁ ଶକ୍ତି ଉପାସନା ହୋଇ ଆସୁଥିବା ବହୁ ପ୍ରମାଣ ମିଳିଛି। ଶକ୍ତିର ପ୍ରତୀକ ଭାବେ ଚକ୍ର ଓ ଯନ୍ତ୍ରକୁ ପୂଜା କରାଯାଇ ଆସୁଥିବାରୁ ଶକ୍ତି ପୂଜା ସହିତ ତନ୍ତ୍ର ଯେ ଓତପ୍ରୋତ ଭାବେ ଜଡ଼ିତ ଏହାକୁ ଗବେଷକ ଓ ଐତିହାସିକମାନେ ସ୍ୱୀକାର କରିଛନ୍ତି। ଐତିହାସିକମାନଙ୍କ ମତରେ ହିନ୍ଦୁମାନଙ୍କ ଦେବୀ ଦେବତା ଉପାସନା ପାଇଁ ଦୁଇଟି ଧାରା ରହିଛି। ବୈଦିକ ଧାରା ଓ ତାନ୍ତ୍ରିକ ଧାରା। ବୈଦିକ କ୍ରିୟା କାଣ୍ଡରେ ଦେବତାମାନଙ୍କ ପ୍ରାଧାନ୍ୟ ରହିଥିବା ବେଳେ ତାନ୍ତ୍ରିକ ଧାରାରେ ଦେବୀମାନଙ୍କ ପ୍ରାଧାନ୍ୟ ରହିଥାଏ। ଏଣୁ ଶକ୍ତି ପୂଜାରେ ତନ୍ତ୍ରର ପ୍ରାଧାନ୍ୟ ରହି ଆସିଛି ବୈଦିକ ଯୁଗରୁ । ମୂର୍ତ୍ତି ଉପାସନା ତନ୍ତ୍ର ପର୍ଯ୍ୟାୟର ଓ ତନ୍ତ୍ର ହେଉଛି ଶାକ୍ତ ପରମ୍ପରା ଅନ୍ତର୍ଗତ। ପ୍ରାକ୍ ଐତିହାସିକ ଯୁଗରୁ ବେଦ, ବୈଦିକ ସାହିତ୍ୟ, ଧର୍ମସୂତ୍ର, ରାମାୟଣ, ମହାଭାରତ ପ୍ରଭୃତିରୁ ଶକ୍ତି ଉପାସନାର ନିଦର୍ଶନ ମିଳେ। ଅଥର୍ବ ବେଦର ଅଙ୍ଗିରସ କଳରେ ତନ୍ତ୍ର ଉପାସନାର ବ୍ୟାପକ ସୂଚନା ମିଳିଥାଏ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏହି ପୋଥି ବହୁସଂଖ୍ୟକ ମିଳୁଥିବାରୁ ତନ୍ତ୍ରାଚାର୍ଯ୍ୟମାନେ ଓଡ଼ିଶାକୁ ତନ୍ତ୍ରର ଆଦ୍ୟଭୂମିର ମାନ୍ୟତା ପ୍ରଦାନ କରିଛନ୍ତି। ଏତଦ୍ ବ୍ୟତୀତ ତନ୍ତ୍ର ଚୂଡାମଣି, ତନ୍ତ୍ର ସାର, କୁଳାର୍ଣ୍ଣବ ତନ୍ତ୍ର, ଜ୍ଞାନାର୍ଣ୍ଣବ ତନ୍ତ୍ର, କୁବଜିକା ତନ୍ତ୍ର, ବୃହନ୍ନୀଳ ତନ୍ତ୍ର, ବଜ୍ର ତନ୍ତ୍ର, କାଳିକା ପୁରାଣ, ଉଡ୍ଡୀଶ ତନ୍ତ୍ର, ମୁଣ୍ଡମାଳା ତନ୍ତ୍ର ପ୍ରଭୃତି ତନ୍ତ୍ର ଶାସ୍ତ୍ର ଓଡ଼ିଶାରୁ ମିଳିଥିବାରୁ ଓଡ଼ିଶା ତନ୍ତ୍ର ପରମ୍ପରା ସମ୍ମିଳିତ ପରମ୍ପରା ବୋଲି ବିବେଚନା କରାଯାଇଥାଏ। ଅତୀତ ଓଡ଼ିଶାରେ ବୌଦ୍ଧ ତନ୍ତ୍ରର ଯେତିକି ପ୍ରସାର ଥିଲା ଶାକ୍ତ ତନ୍ତ୍ରର ମଧ୍ୟ ସେତିକି ଥିଲା। ରାଜ୍ୟରେ ଅସଂଖ୍ୟ ଶକ୍ତି ପୀଠ ରହିଥିବା ବେଳେ ୮ ସ୍ଥାନ ପ୍ରସିଦ୍ଧ ଶକ୍ତି ପୀଠର ମାନ୍ୟତା ପାଇଛି। ଏସବୁ ପୀଠର ଦେବୀଙ୍କୁ ଅଷ୍ଟଚଣ୍ଡୀ ବୋଲି ବିବେଚନା କରାଯାଏ। ସେଗୁଡିକ ହେଲେ, ଶ୍ରୀକ୍ଷେତ୍ର ମା' ବିମଳା, ବାଙ୍କୀର ଚର୍ଚ୍ଚିକା, କାକଟପୁରର ମା' ମଙ୍ଗଳା, ଯାଜପୁରର ମା' ବିରଜା, ବାଣପୁରର ଭଗବତୀ, ଝଙ୍କଡ଼ର ମା' ଶାରଳା, ତାଳଚେରର ମା' ହିଙ୍ଗୁଳା, ସମ୍ବଲପୁରର ସମଲେଇ ମା'। ଏହି ସ୍ଥାନଗୁଡ଼ିକରେ ଅତୀତରେ ତନ୍ତ୍ର ପୂଜା ପ୍ରଭାବ ବିସ୍ତାର କରିଥିବା ବେଳେ ସାଧକମାନେ ତନ୍ତ୍ର ସାଧନା କରିବା ସହିତ ତନ୍ତ୍ର ଶିକ୍ଷା ମଧ୍ୟ ପ୍ରଦାନ କରୁଥିଲେ। ୮ମ ଶତାବ୍ଦୀରେ ଲିଖିତ ବୌଦ୍ଧ ଶାସ୍ତ୍ର 'ବଜ୍ରତନ୍ତ୍ର'ରେ ଉଲ୍ଲେଖ ରହିଛି ଯେ 'ଉଡ୍ରାଖ ପ୍ରଥମ ପୀଠ' ଅର୍ଥାତ ଓଡ଼ିଶା ଥିଲା ତନ୍ତ୍ର ସାଧନା ଓ ଶିକ୍ଷାର ପ୍ରଧାନ ପୀଠସ୍ଥଳୀ। ଓଡ଼ିଶାରେ ଯୋଗିନୀ ଉପାସନାର ଉନ୍ମେଷ ଘଟି କାପାଳିକ (ତାନ୍ତ୍ରିକ)ମାନଙ୍କ ଦ୍ୱାରା ଅନ୍ୟ ସ୍ଥାନକୁ ପ୍ରସାରିତ ହୋଇଥିଲା। ଚଉଷଠୀ ଯୋଗିନୀ ଉପାସନା ପ୍ରଥମେ ଉପକୂଳ ଓଡ଼ିଶାରୁ ଆରମ୍ଭ ହୋଇ ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ୟାପିଥିଲା ବୋଲି ବିଶିଷ୍ଟ ଐତିହାସିକ ଡ. ହରେକୃଷ୍ଣ ମହତାବ ତାଙ୍କ ରଚିତ ପୁସ୍ତକ ଓଡ଼ିଶା ଇତିହାସରେ ଉଲ୍ଲେଖ କରିଛନ୍ତି। ଗୁପ୍ତ ଭାବରେ ଗୁରୁ ଶିଷ୍ୟ ପରମ୍ପରା କ୍ରମେ ଯୋଗିନୀ ଉପାସନା ପ୍ରକ୍ରିୟା ସଂଗଠିତ ହୋଇଥିବାରୁ ଯୋଗିନୀ ପୀଠ, ମୂର୍ତ୍ତି ସଂଖ୍ୟା, ମୂର୍ତ୍ତିନାମା, ବଳି, ନ୍ୟାସ, କବଚ, କୀଳକ, ସ୍ତୋତ୍ର, ଉପାସନା ପଦ୍ଧତି ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ସମ୍ବଳିତ ପୋଥି ବା ପୁସ୍ତକ ମିଳିପାରି ନାହିଁ। ଏହା ଏକ ଗୁପ୍ତ ବିଦ୍ୟା ଭାବେ ରହି ଆସିଛି ଆଜି ପର୍ଯ୍ୟନ୍ତ। ତନ୍ତ୍ର ଶାସ୍ତ୍ରସମୂହରେ ମଣ୍ଡଳ, ଯନ୍ତ୍ର, ଚକ୍ର ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ତନ୍ତ୍ର ଶାସ୍ତ୍ରରେ ଶାକ୍ତ ତାନ୍ତ୍ରିକର ଦୈନନ୍ଦିନ ଧ୍ୟାନ, କର୍ମ, ଆଚରଣବିଧିର ବର୍ଣ୍ଣନା ରହିଛି। ବାମାଚାରୀ ତାନ୍ତ୍ରିକମାନେ ପଞ୍ଚମକାର ପୂଜା ପଦ୍ଧତିରେ ଦେବୀ ଉପାସନା କରୁଥିବା ବେଳେ ହିନ୍ଦୁତନ୍ତ୍ର ଶାସ୍ତ୍ରାନୁସାରେ ଦେବୀ ପୀଠଗୁଡ଼ିକରେ ଆଶ୍ୱିନ ମାସକୃଷ୍ଣ ପକ୍ଷ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପୀ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ। ଶକ୍ତି ଉପାସନା ତାନ୍ତ୍ରିକ ଭିତ୍ତିରେ ହେବାର ପ୍ରସାର ଭୌମ ଯୁଗ ସମୟରେ ହିଁ ଘଟିଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ମା'ଙ୍କ ସମ୍ମୁଖରେ ନରବଳି ଦେବା, ଶ୍ମଶାନରେ ପୂଜାର୍ଚ୍ଚନା, ଶରୀରକୁ ଭସ୍ମରେ ଭୂଷିତ କରିବା, ଶବ ଉପରେ ଉପବେଶନ ହୋଇ ଦେବୀ ଆରାଧନା, ଦେବୀଙ୍କ ସନ୍ତୁଷ୍ଟି ପାଇଁ ପଶୁ ପକ୍ଷୀ ବଳି ଦେବା, ଉଲଗ୍ନ ନାରୀକୁ ପୂଜା କରିବା ଆଦି କାପାଳିକ ପୂଜାର ବହୁଳ ପ୍ରସାର ଘଟିଥିଲା। ଦଶମ ଶତାବ୍ଦୀ ବେଳକୁ ଓଡ଼ିଶା ତନ୍ତ୍ର ପାଇଁ ପ୍ରସିଦ୍ଧି ଲାଭକରି ସାରିଥିଲା ବୋଲି ଓଡ଼ିଶା ଇତିହାସ ପୁସ୍ତକରେ ବର୍ଣ୍ଣିତ ହୋଇଛି। ସେହି ସମୟରେ ଓଡ଼ିଶାର ଲୋକ ଦେବତା ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ତନ୍ତ୍ର ପୂଜା ସ୍ପର୍ଶ କରିଥିଲା। ଶ୍ରୀଜଗନ୍ନାଥଙ୍କୁ ଭୈରବ ଓ ମା' ବିମଳାଙ୍କୁ ଭୈରବୀ ବୋଲି ତାନ୍ତ୍ରିକମାନେ ଘୋଷଣା କରିଥିଲେ। ସେବେ ଠାରୁ ପୁରୀ ଶ୍ରୀମନ୍ଦିର ଭିତରେ ଥିବା ମା' ବିମଳାଙ୍କ ମନ୍ଦିରରେ ଶାରଦୀୟ ପାର୍ବଣ ପୂଜା ତାନ୍ତ୍ରିକ ପଦ୍ଧତିରେ ଅନୁଷ୍ଠିତ ହୋଇଆସୁଛି। ବୌଦ୍ଧ ଧର୍ମାବଲମ୍ବୀମାନେ ତନ୍ତ୍ର ମନ୍ତ୍ରରେ ଈଶ୍ୱର ଓ ଶକ୍ତିଙ୍କୁ ଆରାଧନା କରିବାରୁ ରାଜ୍ୟର କୋଣ ଅନୁକୋଣରେ ତନ୍ତ୍ର ପୂଜାର ପ୍ରଚାର, ପ୍ରସାର ହୋଇ ପାରି ଥିଲା। ମୈଥୁନ ତନ୍ତ୍ର ସାଧନା ଓ ପୂଜାର ଏକ ପ୍ରମୁଖ ଅଙ୍ଗ ପାଲଟି ଯାଇଥିଲା। ଏହି କାରଣରୁ ମନ୍ଦିରମାନଙ୍କରେ ଉଲଗ୍ନ ଓ ମୈଥୁନ ମୂର୍ତ୍ତିମାନ ଦେଖିବାକୁ ମିଳେ। ପ୍ରାୟ ଷଷ୍ଠରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ତନ୍ତ୍ର ପୂଜା ଦେବୀ ପୂଜା ଭାବରେ ପ୍ରଭାବ ବିସ୍ତାର କରିଥିଲା। ମୈଥୁନ କାରଣକୁ ନେଇ କାପାଳିକ ଓ ତାନ୍ତ୍ରିକମାନଙ୍କ ବ୍ୟଭିଚାର ବଢ଼ିବାରେ ଲାଗିଲା। ଏଣୁ ଜନ ସାଧାରଣ ଧୀରେ ଧୀରେ ତନ୍ତ୍ର ପୂଜାକୁ ପ୍ରତ୍ୟାଖାନ କରିବାକୁ ଲାଗିଲେ। ଗଙ୍ଗ ବଂଶ ଓ କେଶରୀ ବଂଶର ଶାସକମାନେ ଶାକ୍ତ ଧର୍ମ ପରିବର୍ତ୍ତେ ଶୈବ ଧର୍ମ ଓ ବୈଷ୍ଣବ ଧର୍ମକୁ ପୃଷ୍ଠପୋଷକତା କରିବାରୁ ତନ୍ତ୍ର ପୂଜା, ସାଧନା ଓ ଶିକ୍ଷା ହ୍ରାସ ପାଇବାରେ ଲାଗିଲା। ୧୧ଶ ଶତାବ୍ଦୀ ବେଳକୁ ବୌଦ୍ଧ ତାନ୍ତ୍ରିକମାନେ ବାଧ ହୋଇ ଶୈବ ଧର୍ମକୁ ଆପଣାଇବାରେ ଲାଗିଲେ। ଶକ୍ତି ପୀଠ ଓ ମୂର୍ତ୍ତିଗୁଡ଼ିକୁ ହିନ୍ଦୁ ଧର୍ମାବଲମ୍ବୀମାନେ ନିଜ ଦେବୀ ଭାବେ ପୂଜା କରିବାରେ ଲାଗିଲେ। ଧୀରେ ଧୀରେ ଦେବୀ ମନ୍ଦିର ଓ ପୀଠମାନଙ୍କରେ ତନ୍ତ୍ର ପୂଜା ବନ୍ଦ ହୋଇଗଲା। ୧୧ଶ/୧୨ଶ ଶତାବ୍ଦୀରେ ଶୈବ ଧର୍ମ ଓ ବୈଷ୍ଣବ ଧର୍ମ ପ୍ରସାର ଲାଭ କରିବାରୁ ତନ୍ତ୍ର ପୂଜା, ସାଧନା ଓ ଶିକ୍ଷା ତାର ଅସ୍ତିତ୍ୱ ହରାଇ ବସିଲା। ହିନ୍ଦୁ ଧର୍ମାବଲମ୍ବୀମାନେ ଶକ୍ତି ପୂଜାକୁ ଆପଣାଇ ନେବାରୁ ଅନେକ ତନ୍ତ୍ର ପୀଠ କେବଳ ଦେବୀ ପୀଠ ଭାବେ ପରିଚିତ ହେଲା। କିଛି ତନ୍ତ୍ର ପୀଠ ବୈଷ୍ଣବୀ ପୀଠରେ ପରିଣତ ହେଲା ଏବଂ ସେଠାରେ ଚାଲି ଆସୁଥିବା ପଶୁ, ପକ୍ଷୀ ବଳି ପ୍ରଥା ମଧ୍ୟ ବନ୍ଦ ହୋଇଗଲା। ତନ୍ତ୍ର ଦେବୀମାନେ ବିଭିନ୍ନ ସ୍ଥାନରେ ଗ୍ରାମ ଦେବତୀ (ମା' ଦୁର୍ଗାଙ୍କ ପ୍ରତିନିଧି) ଭାବେ ପୂଜା ପାଇବାକୁ ଲାଗିଲେ। ତନ୍ତ୍ର ଉପାସନା ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ ମଧ୍ୟ ଶକ୍ତି ଉପାସନାରୁ ତନ୍ତ୍ର ପୂଜା ଅଲଗା ହୋଇ ପାରି ନ ଥିଲା। ଏଣୁ ଏବେ ବି ଶକ୍ତି ପୀଠଗୁଡ଼ିକରେ ଓ ଗ୍ରାମ ଦେବତୀ ପୀଠମାନଙ୍କରେ ଅନୁଷ୍ଠିତ ଶାରଦୀୟ ପାର୍ବଣ ପୂଜାରେ ତନ୍ତ୍ରର ଛାପ ଦେଖିବାକୁ ମିଳିଥାଏ। ଶନିବାରଠାରୁ ଦେବୀ ପୀଠରେ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇଛି। ଦୁର୍ଗାପୂଜା ପାଇଁ ଗାଁମାନଙ୍କରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଜୟ ମା' ଦୁର୍ଗା, ଜଗଜ୍ଜନନୀ।

ମୋ: ୯୪୩୯୩୬୧୮୮୮

# ବଡ଼ ଠାକୁରଙ୍କ ଗାଦି 'ଝାଟି ଜାଗା'

**ଡ. ତପନ କୁମାର ପାଳ**

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା, ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ। ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର। ପୁରୀ ଠାକୁରଙ୍କ ତିନୋଟି ଗାଦି ରହିଛି। ବଡ଼ ଠାକୁରଙ୍କ ଗାଦି ହେଉଛି 'ଝାଟି ଜାଗା'। ଶ୍ରୀଅଙ୍ଗ ଭୂମିରେ ଥାଇ ଶ୍ରୀମୁଖ ବାହାରକୁ ଦୃଶ୍ୟମାନ। ଗୋଲାକୃତି ତଥା ଦେଉଳିଆ ଅବସ୍ଥିତି। ଏହାର ଠିକ ପଛକୁ ରହିଛି ଶ୍ରୀଜଗନ୍ନାଥଙ୍କ ଗାଦି ଭାବେ ପରିଚିତ 'କୁରୁ ମଠ'। ଏହି ଦୁଇଟି ମାର୍କଣ୍ଡେଶ୍ୱର ସାହି ଅଧୀନରେ ରହିଥିବା ସ୍ଥଳେ ବାସେଲୀ ସାହିରେ ରହିଛି 'ହାତୀ ଗୁରୁଦେବ ମଠ' ତଥା ଦେବୀ ସୁଭଦ୍ରାଙ୍କ ଗାଦି। ପୁରୀରେ ଏହି ତିନୋଟି ଗାଦି ପୂଜା ପାଇଥାଏ। ଠାକୁରେ ପାତାଳି ହେବା ଅବସରରେ ଏହି ସ୍ଥାନମାନଙ୍କରେ ବିଗ୍ରହ ଅବସ୍ଥାନ କରିଥିବା ଜନମାନସରେ ବିଶ୍ୱାସ ରହିଛି।

ଝାଟି ଜାଗା ଅର୍ଥ କାଗଜପତ୍ରରେ ତାହା ହେଉଛି 'ଆର୍ତ୍ତତ୍ରାଣଙ୍କ ଗାଦି'। ଅର୍ଥାତ୍ ଶ୍ରୀବଳଭଦ୍ରଙ୍କ ଆସ୍ଥାନ। ଆବହମାନ ସମୟରୁ ବିଶ୍ୱାସ ରହିଛି ମାଳ ମାଳ ନାଗ ସାପ ଠାକୁରଙ୍କ ଆସ୍ଥାନରେ ବୁଲନ୍ତି। ଗାଦି ବ୍ରହ୍ମ ଚାରିପଟେ ଚଳପ୍ରଚଳ ହୁଅନ୍ତି। ସେହି ଭିତରେ ରୁହନ୍ତି। ଅଧିକ ବୟସ ହେବାରେ ବିଶାଳକାୟ ଶରୀର କ୍ରମଶଃ କ୍ଷୟ ହୋଇ ଅନେକ ସେହି ଭିତରେ ଲୀନ ହୋଇଛନ୍ତି। ଜନଗହଳି ଭିତରେ ବିଷଧର ସର୍ପ ଯିବା ଆସିବା କରୁଥିଲେ ମଧ୍ୟ ସର୍ପ ଦଂଶନରେ କେବେ କାହାରି ଜୀବନ ଯାଇଥିବା କେହି ଶୁଣି ନାହାନ୍ତି। ଏସବୁ ବଡ଼ ଠାକୁରଙ୍କ ମାହାତ୍ମ୍ୟ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିଶ୍ୱାସ। ସେଠାରେ ଆଗେ ଥିଲା ଜଙ୍ଗଲମୟ ପରିବେଶ। ସେତେବେଳେ ଏହି ଅଞ୍ଚଳରେ ବାଘ ବି ବୁଲେ। ନିକଟରେ ନଦୀ ଘାଟ ମଙ୍ଗଳା ନଦୀ। ସବୁଜିମା ଭରା ପରିବେଶରେ ଗଢ଼ା ହେଉଥିଲା ସମାଜର ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ। ଯୁବକମାନେ ଏହିଠାକୁ ଆସି ଏସବୁ ଦିଗରେ ନିଜକୁ ପ୍ରସ୍ତୁତ କରୁଥିଲେ। ଆଜି କର୍ପୂର ଉଡିଗଲେ ମଧ୍ୟ ଏହାର ଚାକ୍ଷୁସ ପ୍ରମାଣ ସ୍ୱରୂପ ଆସ୍ଥାନ, ଠାକୁରେ ତଥା ପରମ୍ପରା ବଞ୍ଚିଛି। ହେଲେ ଭୌଗୋଳିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ତଥାପି ଜାଗା ପରିସରରେ ଛଅଟି ପୋଖରୀ ଆଜି ବି ରହିଛି। ଯାହା କି ଅନ୍ୟ ଜାଗାରେ ପ୍ରାୟତଃ ଦେଖାଯାଏନି।

'ମାଦଳା ପାଞ୍ଜି'ର ତଥ୍ୟ ତଥା ସ୍ଥାନୀୟ ପୁରୁଖା ପୁରୀ ବାସିନ୍ଦାମାନଙ୍କ କହିବା ଅନୁଯାୟୀ, ହୁଏତ କ୍ଷୁଦ୍ର କୁଟୀରରେ ସ୍ଥାପିତ ଭାଗବତ ଗାଦିରୁ ଏହି ଅନୁଷ୍ଠାନର ଜନ୍ମ। ଅର୍ଥାତ୍ ଠାକୁରଙ୍କ ଏହି ଆସ୍ଥାନ ବହୁ ପ୍ରାଚୀନ। ମହାରାଜା ପ୍ରତାପ ରୁଦ୍ର ଦେବଙ୍କ ସମୟରେ ଭକ୍ତି ଆନ୍ଦୋଳନରୁ ସୂତ୍ରପାତ ହୋଇଥିଲା ଭାଗବତ ଟୁଙ୍ଗି। ସେଠାରେ ଭାଗବତ ମହାପୁରାଣର ପୂଜନ ଓ ପାରାୟଣ ଆରମ୍ଭ ହୋଇଥିଲା। ଉକ୍ତ ଜାଗାରେ ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ବିକାଶ ବ୍ୟବସ୍ଥା ହୋଇଥିଲା। ଜାଗାରେ ଗାଦି ଗୁରୁଦେବ ତଥା ହନୁମାନ ମଧ୍ୟ ପୂଜା ପାଉଛନ୍ତି। ସେ କାଳର କିଛି ପରମ୍ପରା ଆଜି ବି ବଞ୍ଚିଛି। ଶ୍ରୀକୃଷ୍ଣ ଲୀଳାରେ ଯମୁନା ଗାଧୁଆ ଓ ଭାଗବତ ଜନ୍ମ ଏଠାରେ ଧୁମଧାମରେ ପାଳିତ ହୁଏ। ବ୍ୟାୟାମ ଗୃହରେ ଜାଗା ସାଙ୍ଗମାନେ କସରତ କରିବା ସହ ପ୍ରାଚୀନ ଓ କିଛି ଆଧୁନିକ ବ୍ୟାୟାମ ଉପକରଣମାନ ରହିଛି।

ଜାଗାର ସମସ୍ୟା ମଧ୍ୟ ଅନେକ ରହିଛି। ଜାଗା ପାଚେରି ଅଧାବିଧା ପଡ଼ିଥିବାରେ ଅଧିକ ବର୍ଷା ହେଲେ ନାଳ ପାଣି ଜାଗା ପରିସରରେ ପଶୁଛି। ପିଲାଙ୍କ ଖେଳ ପଡ଼ିଆ, ବୟସ୍କଙ୍କ ଅବସର ବିନୋଦନ ପାଇଁ ବ୍ୟବସ୍ଥା, ଆଧୁନିକ ବ୍ୟାୟାମ ଗୃହ ଆଦି ଅନେକ ଯୋଜନା ରହିଥିଲେ ମଧ୍ୟ ଅର୍ଥ ବାଧକ ସାଜୁଛି। ସରକାରୀ ପ୍ରୋତ୍ସାହନ ଅଭାବର କିଛି ନିର୍ମାଣ ଅସୁବିଧା ପଡ଼ିଛି। ଜାଗାର ବାର୍ଷିକ ଖର୍ଚ୍ଚ ପରିଚାଳନା ପାଇଁ ସମସ୍ତେ ମିଶି କୁହାବୋଲା କରି ଯାହା କିଛି ଅନୁଦାନ ପାଇଛନ୍ତି ସେଥିରେ କଲ୍ୟାଣ ମଣ୍ଡପ ଓ କିଛି ଦୋକାନ ଘର ଆଦି ତିଆରିଛନ୍ତି। ହେଲେ ଶ୍ରୀକ୍ଷେତ୍ରରେ ଥିବା ପ୍ରାଚୀନ ଐତିହ୍ୟଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ଆବଶ୍ୟକତା ଅନୁସାରେ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଛି।

ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ। ଇତିହାସରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପାସନା ପଦ୍ଧତି ସମସ୍ତଙ୍କ ମନରେ ସୃଷ୍ଟି କରି ଆସିଛି ଅଜସ୍ର ବିସ୍ମୟ ଓ ଉନ୍ମାଦନା। ରହସ୍ୟର ପ୍ରସ୍ଥ ପ୍ରସ୍ଥ ଘେରରେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କର ମୂଳ, ଉଦ୍ଭବ, ବିକାଶ ଓ ବିବର୍ତ୍ତନ ପ୍ରତିଟି ଗବେଷକ ଏବଂ ଜିଜ୍ଞାସୁଙ୍କ ମନରେ ସୃଷ୍ଟି କରେ ବୁଢ଼ିଆଣୀ ଜାଲ ପରି ଗୋଲକଧନ୍ଦା। ଏହି ଠାକୁରମାନଙ୍କର ଆକାର ପ୍ରକାର, ପୂଜାପଦ୍ଧତି, ବିରୋଧାଭାସ ଓ ସମନ୍ୱୟର ଯେତେ ମୀମାଂସା କଲେ ମଧ୍ୟ ତାହା ସ୍ପଷ୍ଟ ହୁଏନାହିଁ। ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର। ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ। ତେଣୁ ସେ କରୁଣାସାଗର, କୃପାସିନ୍ଧୁ।

ମୋ: ୯୯୩୭୬୫୮୩୬୨/ ୭୯୭୮୭୯୬୬୩୩

# କାଶ ଔଷଧ ନିଶାର ମାଧ୍ୟମ ନୁହେଁ–କଠୋର ହେଉ ସରକାର, ବଞ୍ଚୁ ଯୁବପିଢ଼ି

**ସୌଭାଗ୍ୟ ରଞ୍ଜନ ମହାନ୍ତି**

କାଶ ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ପ୍ରସ୍ତୁତ ହୋଇଛି ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଜନସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦର ରୂପ ନେଇଥାଏ। ଦେଶରେ କାଶ ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। କାଶ ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ନେଇପାରେ। ଯେଉଁ ତରଳ ଔଷଧ ରୋଗୀଙ୍କୁ ସୁସ୍ଥ କରିବାକୁ ଦିଆଯାଏ ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ। ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ ସମାଜର। ସେଥିପାଇଁ କାଶ ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ। କେନ୍ଦ୍ର ସରକାର ୨୦୨୬ ମସିହାରେ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ଅନୁମତି ଦେଇଛନ୍ତି। କାଶ ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ। ତୃଣମୂଳ ସ୍ତରରେ ନିୟମର କଠୋର କାର୍ଯ୍ୟକାରିତା ଆବଶ୍ୟକ। ଅବୈଧ ଭାବେ କାଶ ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି ଆଇନ ଭାଙ୍ଗିବା ସହିତ ଅନ୍ୟକୁ ବିପଦରେ ପକାଉଛନ୍ତି। ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ। ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ। ଦ୍ୱିତୀୟରେ, ଲାଇସେନ୍ସ ନ ଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନରେ ନିୟମିତ ଯାଞ୍ଚ ଓ ତୃତୀୟରେ ଯେଉଁଠାରେ କାଶ ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ରକ୍ଷା କରୁଥିବା ସଂସ୍ଥା ପକ୍ଷରୁ ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର। ଏହି ଲଢ଼େଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ। ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି–ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ। ନିଶା ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ। ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶ ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା–ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ। ଏହି ପାର୍ଥକ୍ୟକୁ ବୁଝିବା ଦରକାର। ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ। ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଝୁମ୍ପ ବିଷୟରେ ଉଲ୍ଲେଖ କରାଯାଇଛି। ତେଣୁ କାଶ ଔଷଧର ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ। ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର। ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼। ଗୋଟିଏ ଭୁଲ ଉପାଦାନ, ନିମ୍ନମାନର କଞ୍ଚାମାଲ, ଭୁଲ ମାତ୍ରା କିମ୍ବା ଗୁଣମାନ ଯାଞ୍ଚରେ ସାମାନ୍ୟ ଅବହେଳା ଅନେକ ପରିବାରକୁ ଶୋକରେ ପକାଇପାରେ।

ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତର ସହ ନେବାକୁ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଞ୍ଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ ପଦକ୍ଷେପ ଓ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିରନ୍ତର ଚାଲିବା ଦରକାର। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ବ୍ୟାପକ କରାଯିବା ଉଚିତ। ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ। ନିଶାର କୌଣସି ନିରାପଦ ରାସ୍ତା ନାହିଁ। ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ। ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି–ସବୁକିଛି ତାର ଶିକାର ହୋଇପାରେ। ଅତ୍ୟଧିକ ଔଷଧ ବ୍ୟବହାରରେ ଗୁରୁତର ଶାରୀରିକ ସମସ୍ୟା ହେଲେ ତୁରନ୍ତ ଚିକିତ୍ସା ଆବଶ୍ୟକ। ଆଉ ଏକ ଦାୟିତ୍ୱ ହେଲା– ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ। ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ଆବଶ୍ୟକ। ନିଶା ବେପାରୀଙ୍କ ପ୍ରତି କଠୋର ଓ ନିଶାସକ୍ତଙ୍କୁ ଚିକିତ୍ସା ସହାୟତା–ଉଭୟ ଏକାସାଙ୍ଗେ ଚାଲିବା ଉଚିତ। ନିଶା ବିରୋଧୀ ଲଢ଼େଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କାଶ ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ ଏହା ନିଶା ବଜାରକୁ ଯିବା ଅନୁଚିତ। ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି। ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ, ଔଷଧ ଦୋକାନର ନିୟମିତ ଯାଞ୍ଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା–ଏହି ପାଞ୍ଚଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ। ପ୍ରଶ୍ନ ଏକ ବୋତଲ କାଶ ଔଷଧର ନୁହେଁ, ପ୍ରଶ୍ନ ଯୁବପିଢ଼ିଙ୍କ ଭବିଷ୍ୟତର। ଜଣକ ନିକଟରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ। ଜଣେ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ। ଏବେ ସମୟ ଆସିଛି ସନ୍ଦେଶ ଦେବାର– କାଶ ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ। ଜୀବନ ସହ ଖେଳୁଥିବା ଉକ୍ତ ଔଶଧର ଅପବ୍ୟବହାର ବିରୋଧରେ ଶୂନ୍ୟ ସହନଶୀଳତା ଆବଶ୍ୟକ।

ମୋ: ୯୪୩୭୯୯୪୩୭୯

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ତିନି ବର୍ଷ ଧରି ସରୁନି ପାଣି ଟାଙ୍କି ନିର୍ମାଣ
# ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ତିଳିଦା ଗ୍ରାମବାସୀ

ସାଲେପୁର,୬।୧୦(ନି.ପ୍ର): ସରକାରଙ୍କ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ଓଡାସିଂ ପଂଚାୟତ ତିଳିଦା ଗ୍ରାମରେ ପାଲଟିଛି ପ୍ରହସନ। ଗାଁରେ ନିର୍ମାଣ ହୋଇଛି ପାଣି ଟାଙ୍କି, ବିଭିନ୍ନ ସ୍ଥାନକୁ ପାଇପ ବିଛାଯାଇ ଲାଗିଛି ଜଳ ଯୋଗାଣ ଟ୍ୟାପ୍ଛ ହେଲେ ୩ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଟୋପାଏ ପାଣି ମିଳୁନାହିଁ। ଫଳରେ ବିଶୁଦ୍ଧ ପାନୀୟ ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି ତିଳିଦା ଗ୍ରାମର ଦୁଇ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଛ



ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ପୂର୍ବ ସରକାରଙ୍କ ଅମଳରେ ସାଲେପୁର ବିଧାୟକ ତଥା ପ୍ରଶାନ୍ତ କୁମାର ବେହେରାଙ୍କ ଉଦ୍ୟମରେ ଏହି ପ୍ରକଳ୍ପର କାର୍ଯ୍ୟ ହୋଇଥିଲା ୯ ୨୦୨୩ ମସିହାରେ ପାଣି ଟାଙ୍କି ନିର୍ମାଣ ହେବା ପରେ ଗ୍ରାମର ବିଭିନ୍ନ ଛକରେ ଜଳ ଯୋଗାଣ ପାଇଁ ଟ୍ୟାପ୍ ସ୍ଥାପନ କାର୍ଯ୍ୟ ମଧ୍ୟ ଶେଷ ହୋଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସମୟରେ ସରକାର ପରିବର୍ତ୍ତନ ହୋଇଯିବା ପରେ ଆଉ ପାନୀୟ ପ୍ରକଳ୍ପ କାର୍ଯ୍ୟକାରିତା ହୋଇ ପାରିନଥିଲା । ଏବେ ଦୀର୍ଘ ଦିନ ପରେ ମଧ୍ୟ ପ୍ରକଳ୍ପରୁ ଗୋଟିଏ ବୁନ୍ଦା ପାଣି ମିଳିନାହିଁଛ ପାଣି ଟାଙ୍କି ନିକଟରେ ଥିବା ଟ୍ରାନ୍ସଫର୍ମର ଚାରିପାଖ ଅନାବନା ଗଛଲତାରେ ଭରି ଯାଇଥିବା ବେଳେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ଥିବା ନଳକୂପ ଗୁଡ଼ିକ ମଧ୍ୟରୁ ଅନେକ ଅଚଳ ହୋଇପଡ଼ିଥିବାରୁ ପାନୀୟ ଜଳ ସଂଗ୍ରହ ପାଇଁ ମହିଳାମାନଙ୍କୁ ଦୁଇରୁ ତିନି କିଲୋମିଟର ଦୂର ଯିବାକୁ ପଡୁଛି। ଦୀର୍ଘ ସମୟ ଅପେକ୍ଷା କରିବା ପରେ ମିଳୁଥିବା ପାଣିରେ ଲୌହ ଅଂଶ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଜଳ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ନେଇ ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତିଛପଞ୍ଚାୟତ ପକ୍ଷରୁ ଆଗଭଳି ନଳକୂପ ମରାମତି କରିବାର ଯୋଜନା ଆଉ ନଥିବା ପଂଚାୟତ ଜନପ୍ରତିନିଧି ମାନେ ପ୍ରକାଶ କରିଥିବା ବେଳେ କେବେ କେମିତି ଟ୍ୟାଙ୍କର ଯୋଗେ ଓଡାସିଂ ପଂଚାୟତ ପକ୍ଷରୁ ପାଣି ଯୋଗାଣ କରାଯାଉଥିଲେ ମଧ୍ୟ ତାହା ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେଉନାହିଁ। ଏପରି ସ୍ଥିତିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାଣି ପ୍ରକଳ୍ପ କାହିଁକି ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ବିପର୍ଯ୍ୟସ୍ତକୁ ରାଜରାସ୍ତାକୁ ନେଇ ଓହ୍ଲାଇଲେ କଲେଜ ଛାତ୍ରଛାତ୍ରୀ
# ସରକାର ଏନ୍ଏଚ୍ଆଇ ବିଭାଗକୁ କରୁନି ତାଗିଦ

ତାଳଚେର,୬।୧୦(ନି.ପ୍ର): ଅଭିଯୋଗ କରି କରି ଅଣାୟତ ହୋଇ ଆଜି ଶେଷରେ ରାସ୍ତାକୁ ଓହ୍ଲାଇଛନ୍ତି ତାଳଚେର ସ୍ୱଂୟଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ। କଳାହୀରା ସହରର ୧୪୯ନଂ ଜାତୀୟପଥ ପ୍ରାୟ ଦୀର୍ଘବର୍ଷ ହେବ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏହି ରାସ୍ତାରେ ଯାତାୟତ କରିବା ସମ୍ଭବପର ହେଉନାହିଁ। ଏବଂ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଦୁର୍ଘଟଣା ମଧ୍ୟ ଘଟିବାରେ ଲାଗିଛି, ଯାହାର ଜ୍ୱଳନ୍ତ ଉଦାହରଣ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି । ରାସ୍ତାର ଦୟନୀୟ ଅବସ୍ଥାକୁ ନେଇ ସ୍ଥାନୀୟବାସୀଙ୍କ ସମେତ ରାଜପଥ ଆଖାପାଖରେ ଥିବା ବିଭିନ୍ନ ଗ୍ରାମବାସୀମାନେ ମଧ୍ୟ ସରକାରୀଙ୍କୁ ଅବଗତ କରାଇଛନ୍ତି, କିନ୍ତୁ ଏଯାଏଁ କୌଣସି ପ୍ରଶାସନ ନା ଲୋକପ୍ରତିନିଧି କେହି ହେଲେ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରୁନାହାନ୍ତି । ଯାହାଫଳରେ ଆଜି ବାଧହୋଇ ତାଳଚେର ସ୍ୱଂୟଶାସିତ ମହାବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଅଭିଯୋଗ କ୍ରମେ



ରାସ୍ତାରେ ଭାରୀଯାନ ଚଳାଚଳ ଓ ଜାତୀୟ ରାଜପଥଟି ଖାଲଖମଣରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପ୍ରାୟ ସମୟରେ ଟ୍ରାଫିକ ଜାମ ହେବା ସହିତ ବିଭିନ୍ନ ଅସୁବିଧାରେ ପଡୁଛନ୍ତି । ଏନଏଚଆଇ ପକ୍ଷରୁ ରାସ୍ତାକାର୍ଯ୍ୟ ଚାଲୁ ରହିଥିବାରୁ ଠିକାକମ୍ପାନୀ ରାସ୍ତାରେ ପାଉଁଶ ବିଛାଇବା ଦ୍ୱାରା ସାଂଘାତିକ ପାଉଁଶ ଧୂଳି ସହିତ କୋଇଲା ଗୁଣ୍ଡରେ ଛାତ୍ରଛାତ୍ରୀମାନେ ଅଣନିଶ୍ୱାସୀ ହୋଇପଡୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ଏହି ରାଜପଥରେ କୌଣସି ବ୍ୟକ୍ତି ଦୁର୍ଘଟଣାରେ ମୃତାହତ ହେଲେ ନେତାମାନେ କେବଳ ସୋସିଆଲ ମିଡ଼ିଆରେ ନିଜର ଫଟୋ ପୋଷ୍ଟକରି ବାହା ବାହା ନେଉଥିବା ବେଳେ ପ୍ରଶାସନ ମୁଣ୍ଡରୁ ଦୋଷ ହଟାଇବାକୁ ରେଡ଼କ୍ରସ ପାଣ୍ଠିରୁ ୫ହଜାର ଟଙ୍କା ପ୍ରଦାନ କରି ଲୋକଙ୍କ ଦୃଷ୍ଟିରୁ ପାରପାଇ ଯାଇଥାନ୍ତି ଛ ଏଠି ପ୍ରଶ୍ନ ଉଠେ ଏତେ ଘଟଣା ଘଟି ଯାଉଥିଲେ ହେଁ କିପରି ସରକାର ଏନଏଚଆଇ ବିଭାଗକୁ ତାଗିଦ୍ କରୁନାହିଁ ତାହା ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଯୋରଧରିଛି । ଏନଏଚଆଇ ପକ୍ଷରୁ ୧୪୯ ନଂ ଜାତୀୟ ରାଜପଥ ୪ଥାକିଆ କରିବା ନେଇ ଠିକାକମ୍ପାନୀ ଦ୍ୱାରା କାର୍ଯ୍ୟ ଚାଲୁ ରହିଛି ଛ ତେଣୁ ତୁରନ୍ତ ସରକାର ଏଦିଗରେ ଦୃଷ୍ଟି ଦେଇ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୪ଥାକିଆ ରାସ୍ତା ନହେବା ଯାଏଁ ପୂର୍ବନିୟମ ଅନୁଯାୟୀ ଏହି ରାଜପଥରେ ନୋଏଣ୍ଟ୍ରି ଲଗାଇବା ସହ ଲୋକଙ୍କ ଯାତାୟତକୁ ସୁଗମ କରାଯିବ ନେଇ ସର୍ବସାଧାରଣରେ ଦାବି ଯୋରଧରିଛି ।

# ୨୫ ବର୍ଷର ଜନସେବା ସଂକଳ୍ପ ଅଭିଯାନ ଉଦ୍ଯାପିତ

ପାଲଲହଡ଼ା,୬।୧୦(ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବା ପୂର୍ତ୍ତି ଅବସରରେ ଗତ ଏକ ମାସ ଧରି ଚାଲିଥିବା ସେବା ସଂକଳ୍ପ ଅଭିଯାନ ଆଜି ପାଲଲହଡ଼ା ଠାରେ ଉଦ୍ୟାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟରେ ଶ୍ରୀ ବଳଦେବ ଜୀଉ ମନ୍ଦିର, ପାଲଲହଡ଼ା ଠାରୁ ଏକ ମଶାଲ ଯାତ୍ରା ଆରମ୍ଭ ହୋଇ ଅନୁଗୋଳ ମୁଖ୍ୟ କାର୍ଯ୍ୟାଳୟ ଅଭିମୁଖେ ଗମନ କରିଥିଲା। ଏହି ଉଦ୍ୟାପନୀ ସମାରୋହରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି, ଅନୁଗୋଳର ଅଧ୍ୟକ୍ଷ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେଛ ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ରୀନାରାଣୀ ନାଏକ, ବିଧାୟକ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ତନ୍ମୟ କୁମାର ସାହୁ, ଡେପୁଟି କଲେକ୍ଟର ସୌମ୍ୟା ଶ୍ରୀ ପରିଡ଼ା ଓ ଇଂ. ବିଦ୍ୟୁସ୍ମିତା ସାହୁ, ଅତିରିକ୍ତ ତହସିଲଦାର ଶ୍ରୀ ମଦନ ମୋହନ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନାଏକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶୋଭିତ କୁମାର ବିଶି ପ୍ରମୁଖ ଉପସ୍ଥିତ ଥିଲେଛ ଏହି ଅବସରରେ ତହସିଲ ପ୍ରଶାସନ ପକ୍ଷରୁ ରାଜସ୍ୱ ସେବା ପ୍ରଦାନ ସମ୍ପର୍କିତ ବିବରଣୀ ପ୍ରଦାନ କରାଯାଇଥିଲା। ସବୁଠାରୁ ଉଲ୍ଲେଖନୀୟ ଭାବେ, ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ନୂତନ ଭାବେ ୧୧୬୯ ଜଣ ହିତାଧିକାରୀଙ୍କୁ ପେନସନ ମଞ୍ଜୁର କରାଯାଇଛିଛ ୧୧୪ ଟି ପ୍ରାଥମିକ



ବିଦ୍ୟାଳୟକୁ ସରକାରୀ ପଟ୍ଟା ପ୍ରଦାନ କରାଯାଇଛିଛଯାହା ଶିକ୍ଷାନୁଷ୍ଠାନଗୁଡ଼ିକର ଜମି ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ ପଦକ୍ଷେପ। ବସୁନ୍ଧରା ଯୋଜନାରେ ୨୦୭ ଜଣଙ୍କୁ ଘରଡିହ ପଟ୍ଟା, ଜଙ୍ଗଲ ଜମି ଅଧିକାର ନିୟମରେ ୧୪୨୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ବନ୍ୟା କ୍ଷତିଗ୍ରସ୍ତ ୧୨୧ ଜଣ ହିତାଧିକାରୀଙ୍କୁ ୭,୩୩,୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛିଛ ଏହା ସହିତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୧୦ ଟି ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୦ ଜଣ ହିତାଧିକାରୀଙ୍କୁ କିସ୍ତି ଅର୍ଥ ପ୍ରଦାନ କରାଯାଇଛି।

# ୫୧ ଅଭିଯୋଗ ଗ୍ରହଣ, ୧୨୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲିକୁଦା,୬।୧୦(ନି.ପ୍ର): ସେବା ସଂକଳ୍ପ ଅଭିଯାନ ଅବସରରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ପଞ୍ଚାୟତ ସମିତି ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟଳୟ



ପରିସରରେ ସେବା ସେତୁ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିଥିବା ସେବା ସଂକଳ୍ପ ଅଭିଯାନର ଅଂଶ ଭାବେ ଆୟୋଜିତ ଏହି କାର୍ଜ୍ୟକ୍ରମରେ ବିଭିନ୍ନ ସରକାରୀ ଯୋଜନା ଓ ସେବା ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯାଇ ଥିଲା, ଅତିରିକ୍ତ ବିଡିଓ ସ୍ମାରକ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଜ୍ୟକ୍ରମରେ ମୋଟ ୫୧ ଟି ଅଭିଯୋଗ ଗ୍ରହଣ କରାଯାଇ ଥିବା ବେଳେ ସେଥି ମଧ୍ୟରୁ ୧୫ ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇ ଥିଲା,, ରାଜସ୍ୱ ବିଭାଗ ସମ୍ପର୍କିତ ୧୨ ଟି, ରାଶାନ ସମ୍ପର୍କିତ ୨୩ ଟି, ପେନସନ ସମ୍ପର୍କିତ ୧୩ ଟି ,ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ, ମିଶନ ଶକ୍ତିର ଗୋଟିଏ,,, ଏବଂ ଜଳସେଚନ ସମ୍ପର୍କିତ ଗୋଟିଏ, ଅଭିଯୋଗ ରହିଥିଲା, ଅନ୍ତୋଦୟ ଗୃହ ଯୋଜନାରେ ୪ ଜଣ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶିର ଚେକ ପ୍ରଦାନ କରାଯାଇ ଥିଲା ଦୁଇଜଣ ହିତାଧିକାରୀଙ୍କୁ ଲକ୍ଷପତି ଦିଦି ଚେକ ଏବଂ ଦୁଇ ଜଣଙ୍କୁ ଚାରା ଉଦ୍ୟୋଗୀକରଣ ଯୋଜନା ଅଧୀନରେ, ଗୋ ଏହେଡ୍ ,ପତ୍ର ପ୍ରଦାନ କରାଯାଇ ଥିଲା, ସିଏମଏଇ ଯୋଜନାରେ ୫ ଜଣଙ୍କୁ ନୂତନ ରାଶନ କାର୍ଡ ଜଣେ ହିତାଧିକାରୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଦୁଇ ଜଣଙ୍କୁ ଟ୍ରାଇ ସାଇକେଲ, ଏବଂ ଜଣଙ୍କୁ ଚାଲିବା ବାଡି ପ୍ରଦାନ କରାଯାଇ ଥିଲା, ଏହି କାର୍ଜ୍ୟକ୍ରମରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୧୨୩ ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଥିଲା, ୧୭ ଟି ଲବୋରେଟୋରି ପରୀକ୍ଷା କରାଯାଇ ଥିଲା, ୩୫ ଜଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଓ ସଚେତନତା ପ୍ରଦାନ କରାଯିବା ସହିତ ଆବଶ୍ୟକ ଅନୁଯାଇ ମାଗଣା ଔଷଧ ବଣ୍ଟନ କରାଯାଇ ଥିଲା ,ଏହି କାର୍ଜ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ବିକାଶ ରଞ୍ଜନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ ,ଜିପିଡିଓ ରୋଜାଲିନ ତ୍ରିପାଠୀ, ବ୍ଲକ ଯୋଗାଣ ଅଧିକାରୀ ଦେବଦତ୍ତ ଲେଙ୍କା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ ନାୟକ ,ଥାନା ଅଧିକାରୀ କାବୁଲି ବାରିକ ପ୍ରମୁଖ ଯୋଗଦେଇଥିଲେ ।

# କମ୍ପାନୀକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡିଲା ପ୍ରଶାସନ
# ଏମ୍ଜିଏମ୍ ଷ୍ଟିଲ କାରଖାନାରେ ଶ୍ରମିକ ଛଟେଇ ପ୍ରତିବାଦରେ ଶ୍ରମିକଙ୍କ ଆନ୍ଦୋଳନ

ଓଡ଼ାପଡ଼ା/ହିନ୍ଦୋଳ ୬।୧୦(ନି.ପ୍ର): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନିମିଧା ସ୍ଥିତ ଏମ୍ ଜି ଏମ୍ ଷ୍ଟିଲ କାରଖାନାରେ ବେଆଇନ ଶ୍ରମିକ ଛଟେଇ ପ୍ରତିବାଦରେ ଆଜି ଶ୍ରମିକ ମାନେ ଆନ୍ଦୋଳନ କରିଥିବା ଜଣାପଡିଛିଛ ଖବର ନେବାରେ ଜଣାଗଲା ଯେ ଗତ ୩୦ ତାରିଖ ଦିନ କାରଖାନା ରେ କାର୍ଯ୍ୟରତ ସତ୍ୟରଞ୍ଜନ ପଟ୍ଟନାୟକ,ବିଦେଶି ସିଂ ଓ ନିରଞ୍ଜନ ରାଉତ ନାମକ,ତିନି ଜଣ ଶ୍ରମିକଙ୍କୁ ଶ୍ରମିକ ମାନଙ୍କ ପକ୍ଷରୁ ଏହାର ସୁବିଚାର କରିବା ପାଇଁ ଲିଖିତ ଅଭିଯୋଗ ଜିଲ୍ଲା ଶ୍ରମ ଅଧିକାରୀ, ପ୍ରଶାସନ ଓ ପୋଲିସ ବିଭାଗ କୁ ପ୍ରଦାନ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା ଏବଂ ୬ ତାରିଖ ଦିନ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ଶ୍ରମିକ ମାନଙ୍କ ଦାବି ଆପତ୍ତି କୁ ନଶୁଣି କମ୍ପାନୀ କୁ ସୁରକ୍ଷା ଦେବାକୁ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରିଥିଲେଛ ଶ୍ରମିକ ମାନେ କାରଖାନା ଗେଟ୍ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା ଦେଇଥିଲେ ମଧ୍ୟ ପୋଲିସ ସେମାନଙ୍କୁ ବାରଣ କରୁଥାରୁ ଶ୍ରମିକ ମାନେ କାରଖାନା ସମ୍ମୁଖ ଜାତୀୟ ରାଜପଥ କଡ଼ରେ ବସି ପ୍ରତିବାଦ କରି ଅନଶନ ଆରମ୍ଭ କରିଥିବା ଜଣାପଡିଛିଛ ଶ୍ରମିକ ମାନେ ପ୍ରଶାସନ ର ଶ୍ରମିକ ମାରଣା ନିତିକୁ କଡା ସମାଲୋଚନା କରିବା ସହିତ ଶ୍ରମିକ ମାନଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଶ୍ରମିକ ମାନେ ଚେତାବନୀ ଦେଇଛନ୍ତିଛ ପ୍ରକାଶ ଥାଉକି କାରଖାନା କର୍ତ୍ତୃପକ୍ଷ ସରକାରୀ ଜଙ୍ଗଲ ଜମି ଗୋଚର ଜମି କୁ ବେଆଇନ ଦଖଲ କରି କାରଖାନା କୋଠାବାଡ଼ି ନିର୍ମାଣ କରିଥିଲେଛଏ ସମ୍ପର୍କରେ ଗ୍ରାମବାସୀ



କାରଖାନା କର୍ତ୍ତୃପକ୍ଷ ବିନା କାରଣରେ ଛଟେଇ କରିଥିଲେଛ ଶ୍ରମିକ ମାନେ କାରଖାନା କର୍ତ୍ତୃପକ୍ଷ ଙ୍କୁ ଏହାର କାରଣ ପଚାରିବାରୁ କର୍ତ୍ତୃପକ୍ଷ ସେମାନଙ୍କୁ ଧମକ ଦେଇ ଆହୁରି ଅନେକ ଙ୍କୁ ବାହାର କରି ଦେବାକୁ ଧମକ ଦେଇଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତିଛ ଯାହା ଫଳରେ ମାନେ ଜିଲ୍ଲା ପ୍ରଶାସନ କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିଲେ ଫଳରେ ଗ୍ରାମବାସୀ ମାନେ ଆନ୍ଦୋଳନ କୁ ଓହ୍ଲାଇବା ପୂର୍ବରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରି ଲୋକ ମାନଙ୍କ ସ୍ୱର କୁ ଚାପି ଦେଇଥିଲେଛଛ

# ବ୍ଲକସ୍ତରୀୟ ନବମ ପୋଷଣମାସ ପାଳନ

ରଘୁନାଥପୁର,୬।୧୦(ନି.ପ୍ର): ସମଗ୍ର ରାଜ୍ୟରେ ପୋଷଣମାସ ପାଳନ ଅବସରରେ ମଙ୍ଗଳବାର ଜଗତସିଂହପୁର ଜିଲ୍ଲା ରଘୁନାଥପୁର ମିଶନଶକ୍ତି ସଭାଗୃହ ରେ ବ୍ଲକସ୍ତରୀୟ ୯ମ ପୋଷଣମାସ ଅନୁଷ୍ଠିତ ହୋଇଯାଇଛି। ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ତପ୍ତିମୟୀ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ରଘୁନାଥପୁର ମେଡିକାଲ ଅଫିସର ଡା. ପ୍ରଭାଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିବା ବେଳେ,ସମ୍ମାନିତ ଅତିଥି ଭାବେ ସାମାଜିକ କଲ୍ୟାଣ ଅଧିକାରୀ ରାମେଶ୍ୱର ନାୟକ,ବିଇଓ କାର୍ଯ୍ୟାଳୟ ର ରାଜକିଶୋର ନାୟକ,।ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଶିକ୍ଷକ ହେମନ୍ତ କୁମାର ଦାସ,ନିଳାମ୍ବର ସେନାପତି,ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଅଧ୍ୟାପକ ଅଭୟ କୁମାର ମହାରଣା,ବ୍ଲକ ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ରିମୟୀ ଜେନା,ବରିଷ୍ଠ କିରାଣୀ ନାରାୟଣ ଭୂତିଆ,ମମତା ଯୋଜନା ସହାୟୀକା ପ୍ରିୟଦର୍ଶିନୀ ମହାପାତ୍ର,ପୋଷଣର ବ୍ଲକ



ସଂଯୋଜକ ସୁପ୍ରିୟା ମହାନ୍ତି,ସୁଭଦ୍ରା ସହାୟୀକା ଲକ୍ଷୀ ପ୍ରିୟା ଦାସ,ଗୀତାଞ୍ଜଳି ପରିଡା,ଆସିଡିଏସ୍ ସୁପର ଭାଇଜର ଶୁଭସ୍ମିତା ଦାସ, ନିର୍ମଳା ମଲ୍ଲିକ ,ପ୍ରମୁଖ ଯୋଗଦେଇ ଉପସ୍ଥିତ ଅଙ୍ଗନ୍ୱାଡି କର୍ମୀ,ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ଓ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ର ଛାତ୍ରଛାତ୍ରୀ ମାନଙ୍କୁ ମା ଓ ଶିଶୁର ପୁଷ୍ଟିକର ଖାଦ୍ୟ ଉପକାରୀତା ଉପରେ ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ତୃତା,ଚିତ୍ରାଙ୍କନ,ରଚନା ଓ କୁଇଜ ପ୍ରତିଯୋଗିତା ରେ ଭାଗନେଇଥିବା କତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିଶୁବିକାଶ କାର୍ଯ୍ୟାଳୟ ର କର୍ମଚାରୀ ଶିବ ଚରଣ ମହାନ୍ତି, ସୁକଦେବ ମଲ୍ଲିକ ସହଯୋଗ କରିଥିଲେ।

# ଭୋଟ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ସହ
# ଓଡ଼ିଶାର ଅଧିକାର ପାଇଁ ୮ରେ ଓଡ଼ିଶା ବନ୍ଦ

ସାଲେପୁର,୬।୧୦(ନି.ପ୍ର): ସାଲେପୁର କଂଗ୍ରେସ ପକ୍ଷରୁ ଆସନ୍ତା ଅକ୍ଟୋବର ୮ ତାରିଖରେ ସକାଳ ୬ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେବାକୁ ଥିବା ଓଡ଼ିଆ ବନ୍ଦକୁ ସାଲେପୁର ରେ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଙ୍ଗଠନ ଓଡ଼ିଶାର ଉପ ସଭାପତି ତଥା କଂଗ୍ରେସ ନେତା ହରିବନ୍ଧୁ ଶତପଥିଙ୍କ ଯୋଗଦେଇ ଗଣତନ୍ତ୍ର, ମତଦାତାଙ୍କ ଭୋଟ ଅଧିକାର, ରାଜ୍ୟର ଖଣିଜ ସମ୍ପଦ ଓ ରାଜସ୍ୱ ଅଧିକାର, ଶିକ୍ଷା ବ୍ୟବସ୍ଥା ଏବଂ ବନ୍ୟାପ୍ରଭାବିତ ଲୋକଙ୍କ ନ୍ୟାୟସଙ୍ଗତ ଦାବିକୁ କେନ୍ଦ୍ର କରି ଇଣ୍ଡିଆ ବ୍ଲକ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନର ଆହ୍ୱାନ ଦିଆଯାଇଛି। ଏହି ଆନ୍ଦୋଳନର ଚାରିଟି ପ୍ରମୁଖ ଦାବି ହେଉଛି- (୧) ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବହିଷ୍କାର,



(୨) ଖଣି ଓ ଖଣିଜ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ, ୨୦୨୬ ତୁରନ୍ତ ରଦ୍ଦ କରିବା (୩) ପାଠ୍ୟପୁସ୍ତକ ଯୋଗାଣରେ ଚରମ ଅରାଜକତା ପାଇଁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା,ଏବଂ (୪) ବନ୍ୟାକ୍ଷତିଗ୍ରସ୍ତ ସମସ୍ତଙ୍କୁ ପର୍ଯ୍ୟାପ୍ତ ଓ ଯଥୋଚିତ କ୍ଷତିପୂରଣ ଦେବା ଦାବିରେ ଏହି ଓଡ଼ିଆ ବନ୍ଦ ଡାକରା ଦିଆଯାଇଛି ବୋଲି ପ୍ରକାଶ କରିଥିଲେଛ ଏହି ବନ୍ଦ କୁ ସାଲେପୁର ନିର୍ବାଚନ ମଣ୍ଡଳୀ ରେ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମୀ ମାନଙ୍କୁ ନିବେଦନ କରିଥିଲେଛ ଏହି ବୈଠକରେ ସୁରେନ୍ଦ୍ର ନାଥ ମହାରଣା, ସୁଦାମ ଚରଣ ବାରିକ, ବୈକୁଣ୍ଠ ନାଥ ସ୍ୱାଇଁ, ବିଜ୍ଞାନନ୍ଦ ଭୂୟାଁ,ମାଧବ ପଲେଇ, ଶେଖ ନଜରୁଲ ହାସନ, ସିଡୁ କର, ରଶ୍ମି ପ୍ରକାଶ କାଣ୍ଡି, ଚିତ୍ତରଞ୍ଜନ କାଣ୍ଡି, ସନ୍ତୋଷ ପରିଡା ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସର ଶାନ୍ତିପୂର୍ଣ୍ଣ ପଦଯାତ୍ରା

ଜଗତସିଂହପୁର,୬।୧୦(ନି.ପ୍ର): ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ଦଳ ସମୂହର କେନ୍ଦ୍ର ସରକାରଙ୍କ ବୈମାତୃକ କାର୍ଯ୍ୟ କଳାପ ବିରୁଦ୍ଧରେ ଏକ ଶାନ୍ତି ପୂର୍ଣ୍ଣ ପଦଯାତ୍ରା ଆୟୋଜନ କରାଯାଇଥିଲାଛ ଉକ୍ତ ପଦଯାତ୍ରାରେ କଂଗ୍ରେସ ନେତା ଆଡଭୋକେଟ ଦୁଃଖି ଶ୍ୟାମ ଦାସ ଯୋଗଦାନ ପୂର୍ବକ ସମ୍ବିଧାନ ସୁରକ୍ଷା, ଭୋଟର ଅଧିକାର,



ଗଣତନ୍ତ୍ର ବଞ୍ଚାଅ ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଆରୋପ କରିଥିଲେଛ ପଦଯାତ୍ରାରେ ଜଗତସିଂହପୁର ଜିଲ୍ଲାର କଂଗ୍ରେସ ସମର୍ଥକ ମାନଙ୍କ ସହ ଇଣ୍ଡିଆ ମେଣ୍ଟର ହୁ କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦାନ କରିଥିଲେଛ ପଦଯାତ୍ରା ଟାଉନ ହଲ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲାଛ ଜଗତସିଂହପୁର ଟାଉନ ସଭାପତି ପ୍ରଶାନ୍ତ ମହାପାତ୍ର, ବ୍ଲକ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ଧନଞ୍ଜୟ ସୁତାର, ସ୍ମୃତି ରଞ୍ଜନ ମହାନ୍ତି, ବଗୁଲା ରାୟ, ମୁରଲୀଧର ଭୋଇ ପ୍ରମୁଖ ପଦଯାତ୍ରା ପରିଚାଳନା କରିଥିଲେ ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର,୬।୧୦(ନି.ପ୍ର): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ରେ ଡାକ୍ତରୀ ପାଠପା ସହିତ ଏହାକୁ ଏକ ଟିଚିଂ ହସ୍ପିଟାଲ୍ ରେ ପରିଣତ କରିବା ଓ ଆସନ୍ତା ଡିସେମ୍ବର ପହିଲା ଠାରୁ ରୋଗୀସେବା ଆରମ୍ଭ କରିବା ନେଇ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଅନୁଷ୍ଠାନର ଆବାହକ ପଦ୍ମ ଚରଣ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଳଚେର ଠାରେ ଆୟୋଜିତ ଜନଶୁଣାଣୀ ଶିବିରରେ ଏହି ଦାବୀପତ୍ର ପ୍ରଦାନ କରାଯାଇଥିଲା । ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ତାଳଚେର ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ହାନୀରୁ ରକ୍ଷା ପାଇବା ପାଇଁ ଏମସିଏଲ୍ ତରଫରୁ ସଂପୂର୍ଣ୍ଣ ଖର୍ଚ୍ଚରେ ତାଳଚେର ଠାରେ ମେଡିକାଲ୍ କଲେଜ୍ ତିଆରି ହୋଇ ପାଠପା ଆରମ୍ଭ ହେଲା । ମାତ୍ର ତାଳଚେର ମେଡିକାଲ୍ କଲେଜ୍ କୁ ଟିଚିଂ ହସ୍ପିଟାଲ୍ ରେ ପରିଣତ କରି ପବିତ୍ର ମୋହନ ମେଡିକାଲ୍ କଲେଜ୍ ରେ ନିଯୁକ୍ତି ପାଇଥିବା ସମସ୍ତ ମୁଖ୍ୟ ବିଭାଗର ପ୍ରଫେସର, ଆସିଷ୍ଟାଣ୍ଡ ପ୍ରଫେସର ଏବଂ ବରିଷ୍ଠ ଡାକ୍ତରଙ୍କୁ ତାଳଚେର ଠାରେ ଅବସ୍ଥାପିତ କରି ଜରୁରୀ ଭିତିରେ ତାଳଚେରବାସୀଙ୍କୁ ରୋଗୀସେବା ଆରମ୍ଭ କରନ୍ତୁ । ତାଳଚେର ମେଡିକାଲ୍ କଲେଜ୍ ନିମିତ ଆବଶ୍ୟକୀୟ ହେଉଥିବା ସମସ୍ତ ଉପକରଣ ଓ ସରଂଜାମ ଯଥା- ଏମ୍.ଆର.ଆଇ. ଓ ଅତ୍ୟାଧୁନିକ ଉପକରଣ ପାଥୋଲୋଜି ନିମିତ ଏବଂ ପ୍ରତ୍ୟେକ ବିଭାଗର ଦରକାର ହେଉଥିବା ଅନ୍ୟାନ୍ୟ ସରଜଂମକୁ ଏମ୍.ସି.ଏଲ୍. ଓ ରାଜ୍ୟ ସରକାରଙ୍କ ଠାରୁ ସଂଗ୍ରହ କରି ମେଡିକାଲ୍ କଲେଜ୍ କୁ ସଂପୂର୍ଣ୍ଣ ଭାବରେ ଆରମ୍ଭ କରି ତାଳଚେରବାସୀଙ୍କୁ ରୋଗୀ ସେବା ଯୋଗାଇ ଦେବା ସହିତ ତାଳଚେରବାସୀଙ୍କୁ ଅକାଳ ମୃତ୍ୟୁରୁ ରକ୍ଷା କରନ୍ତୁ । ଚଳିତ ଅକ୍ଟୋବର ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତିରେ ସମସ୍ତ ଅସୁବିଧା ଥିବା ଭିତିଭୂମିକୁ ସଂପୂର୍ଣ୍ଣ କରି ଏବଂ ନଭେମ୍ବର ମାସରେ ମେଡିକାଲ୍ କଲେଜ୍ ର ସମସ୍ତ କାର୍ଯ୍ୟକର୍ତ୍ତା ଓ ପାରା ମେଡିକାଲ୍ ଷ୍ଟାଫଙ୍କୁ ଅବସ୍ଥାପିତ କରି ଡିସେମ୍ବର ପହିଲା ସୁଦ୍ଧା ରୋଗୀ ସେବା ଆରମ୍ଭ କରିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି ଛ ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ହରହର ସାହୁ, କନ୍ଦର୍ପ ବେହେରା, ବିଜୟଲକ୍ଷ୍ମୀ ପ୍ରଧାନ, ନରହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ

# ମୋକଦ୍ଦମା ସମାଧାନ ପାଇଁ ତୃତୀୟ ମଧ୍ୟସ୍ଥତା ଅଭିଯାନ

ଜଗତସିଂହପୁର,୬।୧୦(ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ରାଷ୍ଟ୍ର ପାଇଁ ମଧ୍ୟସ୍ଥତା ଶୀର୍ଷକରେ ତୃତୀୟ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରଧକରଣ ତରଫରୁ ଆରମ୍ଭ ହୋଇଯାଇଛି ଛ ଏହି ଅଭିଯାନ ଅନୁଯାଇ ଜିଲ୍ଲା ଓ ତାଲୁକ ସ୍ତରୀୟ ବିଭିନ୍ନ ଅଦାଲତରେ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବାଣିଜ୍ୟିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦ୍ୱିାନୀ ମୋକଦ୍ଦମା ଗୁଡିକୁ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମୋକଦ୍ଦମାର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ ଛ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ତରଫରୁ ତାଲିମପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକୁ ସମାଧାନ କରାଯିବ ଛ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି ।

# ବିକଶିତ ଭାରତ ସଂକଳ୍ପ ସମାବେଶ: ଯୋଗଦେବେ ୧୦ ହଜାର କର୍ମୀ
# ଶାସନ ଛକର ନାମ ହେବ ସେବା ଛକ

ଢେଙ୍କାନାଳ,୬।୧୦(ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିରନ୍ତର ସେବା ଓ ସମର୍ପଣର ୨୫ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ଦିନ ଢେଙ୍କାନାଳ ମିନିଷ୍ଟାଡିଅମ ଠାରେ




ସକାଳ ୯ଘଟିକା ସମୟରେ ବିକଶିତ ଭାରତ ସଂକଳ୍ପ ସମାବେଶ ଓ ସେବା ଜ୍ୟୋତି ଯାତ୍ରା ଆରମ୍ଭ ହେବ ବୋଲି ମଙ୍ଗଳବାର ସନ୍ଧ୍ୟା ୫ ଘଟିକା ସମୟରେ ସ୍ଥାନୀୟ ସର୍କିଟ ହାଉସ ଠାରେ ସାମ୍ବାଦିକ ସମ୍ମିଳନୀ କରି ସୁଚନା ଦେଇଛନ୍ତି ଜିଲା ବିଜେପି ସଭାପତି ରାସ ବିହାରୀ ବେହେରା। ୨୦୦୧ମସିହା ଅକ୍ଟୋବର ୭ ତାରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ଲଗାତାର ଭାବରେ ଦୀର୍ଘ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବରେ ସମଗ୍ର ଭାରତ ବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ତେଣୁ ଆସନ୍ତାକାଲି ବୁଧବାର ତାଙ୍କ ସେବାକୁ ସମ୍ମାନିତ କରିବା ପାଇଁ ଜିଲାର ୧୦ହଜାର କର୍ମକର୍ତ୍ତା ସକାଳ ୯ ଘଟିକା ସମୟରେ ମିନିଷ୍ଟାଡିଅମ ଠାରେ ଏକତ୍ରିତ ହୋଇ ସଂକଳ୍ପ ସମାବେଶରେ ଯୋଗଦେବେ। ସକାଳ ୧୦ଘଟିକା ସମୟରେ ଆଭାସିକ ମାଧ୍ୟମରେ ଦେଶର ୭୫୦ଜିଲାରେ ଉପସ୍ଥିତ ଥିବା କର୍ମକର୍ତ୍ତାଙ୍କୁ ସିଧାସଳଖ ପ୍ରଧାନମନ୍ତ୍ରୀ ଉଦବୋଧନ ଦେବେ । ପରେ ପରେ କର୍ମୀମାନେ ମିନିଷ୍ଟାଡିଅମ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସେବା ଜ୍ୟୋତି ସହିତ ଶାସନ ଛକ ପର୍ଯ୍ୟନ୍ତ ଯିବେ। ସେଠାରେ ଏହି ସେବା ଜ୍ୟୋତିକୁ ସ୍ଥାପନା କରାଯିବା ସହିତ ଶାସନ ଛକର ନାମ ପରିବର୍ତ୍ତନ କରି 'ସେବା ଛକ' ଭାବରେ ନୂତନ ନାମକରଣ କରାଯିବ ବୋଲି ଢେଙ୍କାନାଳ ଜିଲା ପ୍ରଭାରି ସ୍ମୃତି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆସନ୍ତାକାଲିର କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର , ଜିଲାର ସମସ୍ତ ବିଧାୟକ, ବିଧାୟିକା ଉପସ୍ଥିତ ରହିବେ ବୋଲି ସୁଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର ଓ ପୌର-ଅଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।


**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**

**WORKS DEPARTMENT**
**Short Tender Call Notice**

E-mail: eerbpuri@yahoo.co.in
Bid Identification No. SE (R&B) Puri-24/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Double/ Single Cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Civil & Electrical work.
2. No of Work : 11 Nos
3. Tender Cost : Rs. 6,000/- & Rs. 10,000/-(On-Line)
4. Class of bidders : D Class, C Class / B Class / HT & above
5. Available of Bid document in the Website : From 10.00 AM of Dt.12.10.2026 to Dt.21.10.2026 up to 5.00 PM
6. Last Date of receipt of tender : Dt.21.10.2026 up to 05.00 PM
7. Date of opening of Bid : Dt.22.10.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum / Cancellation of tender can also be seen in the said website.

Sd/
Superintending Engineer
Puri ( R&B) Division, Puri

**Caption No: 34001/960/2627**

### ଚମ୍ପୁଆର ପତଳା ଗାଁରେ ହାତୀ ଉପଦ୍ରବ

# ଚରମ ସୀମାରେ ଗ୍ରାମବାସୀଙ୍କ ଅସନ୍ତୋଷ, ବନ ବିଭାଗ ନିକଟରେ ଫେରାଦ




ଚମ୍ପୁଆ,୬।୧୦(ନି.ପ୍ର):ଚମ୍ପୁଆ ବନାଞ୍ଚଳ ଅଧୀନ ପତଳା ଗ୍ରାମରେ ହାତୀପଲଙ୍କ ଉପଦ୍ରବ ଯୋଗୁଁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିବା ସହ ଅସନ୍ତୋଷ ଚରମ ସୀମାରେ ପହଁଚିଛି। ଗତ ୨ ମାସ ହେବ ହାତୀପଲ ଗାଁ ଥିବା ଚାଷଜମିରେ ପଶି ଫୁଲ ଧରିଥିବା ଧାନଗଛକୁ ପାଦରେ ଦଳି ନଷ୍ଟ କରୁଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ହାତୀପଲଙ୍କ ଉପଦ୍ରବରେ ଧାନଚାଷ ଉଜୁଡ଼ି ଯାଉଥିବା ଅଭିଯୋଗ ନେଇ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ହାତୀପଲଙ୍କୁ ତୁରନ୍ତ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ କରିବାକୁ ମଧ୍ୟ ଦାବି ହୋଇଛି। ହାତୀପଲ ଗାଁ ମୁହାଁ ହେଉଥିବାରୁ ଧନଜୀବନ ପ୍ରତି ବିପଦ ଆଶଙ୍କାରେ ଗ୍ରାମବାସୀ ଭୟଭୀତ ହୋଇ ରହୁଛନ୍ତି। ଏନେଇ ଚଂପୁଆ ବନାଞ୍ଚଳ ଅଧିକାରୀ ସାଗର ରାଜ ନାୟକ କହିଛନ୍ତି, ଆଜିଠାରୁ ପତଳା ଅଂଚଳରେ ହାତୀ ଘଉଡ଼ାଇବା ପାଇଁ ଅଧିକ ବନ କର୍ମଚାରୀ ନିୟୋଜିତ କରାଯିବ। ଆବଶ୍ୟକ ପଡ଼ିଲେ ପୁଲିସର ସହାୟତା ନିଆଯିବ। ଏଥିସହ ହାତୀପଲଙ୍କୁ ହଇରାଣ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ହାତୀପଲଙ୍କୁ ଘଉଡ଼ାଇବା ପରେ କ୍ଷତିଗ୍ରସ୍ତ ଅଂଚଳରେ କ୍ଷୟକ୍ଷତି ଆକଳନ କରାଯାଇ ନିୟମାନୁସାରେ ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

### ହତ୍ୟା ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା

# ସବୁଠାରେ ପୋଲିସର କଡ଼ା ନଜର



ପାଟଣା,୬।୧୦(ନି.ପ୍ର):ଜନସେବା କେନ୍ଦ୍ର ମାଲିକ ତ୍ରିଲୋଚନ ମହାନ୍ତଙ୍କ ହତ୍ୟା ଘଟଣା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ତନାଘନା ଜାରି ରହିଛି। ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରନ ସାହୁଙ୍କ ନେତୃତ୍ୱରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଛକ ଓ ରାଜପଥରେ ଚେକିଂ ଏବଂ ପେଟ୍ରୋଲିଂକୁ ଜୋରଦାର କରାଯାଇଛି। ମଙ୍ଗଳବାର ଶରଧାପୁର ଛକରେ ଏସ୍‌ଆଇ ସୁରେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଗାଡ଼ିମୋଟର ଯାଂଚ କରାଯାଇଥିଲା। ସେହିପରି ଖୁଣ୍ଟାପଡା ହନୁମାନ ଛକରେ ଏସ୍‌ଆଇ ବୀରେନ୍ଦ୍ର କିଶୋର ବେହେରାଙ୍କ ନେତୃତ୍ୱରେ ଯାନବାହନ ଯାଂଚ କରାଯାଇଥିଲା। ଚେକିଂ ସମୟରେ କାରର ଡିକି ଓ ବାଇକର ଡିକି ଖୋଲି ଯାଂଚ କରାଯିବା ସହ ସନ୍ଦେହଜନକ ବ୍ୟକ୍ତି ଓ ଯାନବାହନ ଉପରେ ପୋଲିସ ତିକ୍ଷ୍ଣ ନଜର ରଖିଛି। ଅନ୍ୟପକ୍ଷରେ ତ୍ରିଲୋଚନ ହତ୍ୟାକାଣ୍ଡକୁ ନେଇ ପାଟଣା ଥାନା ପକ୍ଷରୁ ମଧ୍ୟ ୨୨୦ ନମ୍ବର ଜାତୀୟ ରାଜପଥରେ ଜୋରଦାର ଯାଂଚ କରାଯାଇଛି। ବିଭିନ୍ନ ରାସ୍ତା ଓ ଛକରେ ପୋଲିସ ଗାଡ଼ି ଗୁଡ଼ିକୁ ଅଟକାଇ ଯାଂଚ କରୁଥିବା ବେଳେ ସନ୍ଦେହଜନକ ଗତିବିଧି ଉପରେ ନଜର ରଖାଯାଉଛି। ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଗିରଫ ପାଇଁ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ରାତିରେ ଚେକିଂ ଓ ପେଟ୍ରୋଲିଂ ସହ ଦିନରେ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ଯାଂଚ କରାଯାଉଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଘଟଣାରେ କିଏ କିଏ ସଂପୃକ୍ତ, ତଦନ୍ତ ଆଗକୁ ବଢ଼ିବା ପରେ ତାହା ସ୍ପଷ୍ଟ ହେବ।

## ଯୁବତୀଙ୍କ ଇନଷ୍ଟା ଆଇଡି ହ୍ୟାକ କରି ଅଶ୍ଳୀଳ ଫଟୋ ଭାଇରାଲ, ଅଭିଯୁକ୍ତ ଗିରଫ



ରାମଚନ୍ଦ୍ରପୁର,୬।୧୦(ନି.ପ୍ର): ଇନଷ୍ଟାଗ୍ରାମ ଆଇଡି ହ୍ୟାକ କରି ଜଣେ ଯୁବତୀଙ୍କ ଆପତ୍ତିଜନକ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଘଷିପୁରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଘଷିପୁରା ଥାନା କାଠପାଳ ଗାଁର ପୂର୍ଣ୍ଣିମା ଜେନା ଥାନାରେ ଅଭିଯୋଗ କରିଥିଲେ ଯେ, କେହି ଅଜଣା ବ୍ୟକ୍ତି ତାଙ୍କ ଇନଷ୍ଟା ଆଇଡି ହ୍ୟାକ କରି ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ କରୁଛି। ଏ ନେଇ ଘଷିପୁରା ଥାନାରେ ୩୯୨/୨୬ରେ ଧାରା ୩୫୩(୨)/୭୯/୨୯୬ ବିଏନଏସ ଏବଂ ୬୭/୬୭ଏ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ପରେ ଘଷିପୁରା ପୋଲିସ ବୈଷୟିକ ତର୍ଜମା ଆରମ୍ଭ କରିଥିଲା। ତଦନ୍ତରୁ ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ପୋଲିସ କେଶଦୂରାପାଳ ଗାଁର ନୀଳମଣି ଓଝାଙ୍କ ପୁଅ ସୁଶାନ୍ତ ଓଝା (୩୬)କୁ ଗିରଫ କରି ପଚାରା ଉଚାରା କରିବା ପରେ ଆଜି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ଉପଖଣ୍ଡ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଯୁଗ୍ମ ନିର୍ଦ୍ଦେଶିକା



ଆନନ୍ଦପୁର,୬।୧୦(ନି.ପ୍ର):ସୂଚନା ଓ ଲୋକସଂପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଯୁଗ୍ମ ନିର୍ଦ୍ଦେଶିକା ତଥା ଅତିରିକ୍ତ ଉପନିର୍ଦ୍ଦେଶିକା ଶ୍ରୀମତୀ କଲ୍ୟାଣୀ ଦାଶ କେନ୍ଦୁଝର ଗସ୍ତରେ ଆସି ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ଦୀପାଳି ପ୍ରିୟଦର୍ଶିନୀ ନାୟକ, ଲାଇବ୍ରେରିଆନ୍ ଶ୍ରୀ ନାରାୟଣ ଦାଶଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନେ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର ଓ ସରକାରୀ ଦସ୍ତାବିଜ ଯାଂଚ କରିବା ସହ ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ଏଥିସହ ସେ କାର୍ଯ୍ୟାଳୟର ପାଠାଗାର ପରିଦର୍ଶନ କରି ଏହାର ସ୍ଥିତି ଯାଂଚ କରିଥିଲେ। ପାଠାଗାରର ଆବଶ୍ୟକ ମରାମତି କରାଯାଇ ପାଠକମାନଙ୍କ ପାଇଁ ଅଧିକ ସୁବିଧା ଓ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ଶ୍ରୀମତୀ ଦାଶ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଉପଖଣ୍ଡ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରିଶେଷରେ, ସମସ୍ତ ସରକାରୀ କାର୍ଯ୍ୟାବଳୀକୁ ସୁଚାରୁ ରୂପେ ସଂପାଦନ କରିବା ସହ ଉପଖଣ୍ଡ ପ୍ରଶାସନ ଏବଂ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଯୋଗସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼, ସକ୍ରିୟ ଓ କାର୍ଯ୍ୟକ୍ଷମ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

## ରାସ୍ତା ନିର୍ମାଣକୁ କେନ୍ଦ୍ରକରି ବନ ବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ

ହାଟଡିହି,୬।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ହଦଗଡ଼ ଗ୍ରାମ ପଂଚାୟତର ଦଲକି, ପିତାନାଉ, ରନ୍ମରା ଆଦି ଗ୍ରାମକୁ ରାସ୍ତା ନଥିବାରୁ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏପରିକି ବିସ୍ଥାପିତ ହେବାର ଦୀର୍ଘ–୬୦ ବର୍ଷ ପରେ ମଧ୍ୟ ହଦଗଡ଼ ପଂଚାୟତ ଅଫିସକୁ ଆସିବାକୁ ହେଲେ ହୁଲି ଡଙ୍ଗାରେ ଦୀର୍ଘ ୫/୬ କିଲୋମିଟର ବାଟ ଜଳ ଭଣ୍ଡାର ଦେଇ ଆସିଥାନ୍ତି। ଡାକ୍ତରଖାନା ହେଉ, କି ରେସନ ସାମଗ୍ରୀ ଆଣିବାକୁ ନାନା ଅସୁବିଧା ଭୋଗୁ ଥିବାରୁ ଗ୍ରାମବାସୀମାନେ ମିଳିତ ହୋଇ ନିଜେ ଶ୍ରମଦାନ କରି ତିନିବର୍ଷ ତଳେ ହଦଗଡ଼ ଜଳସେଚନ ବଙ୍ଗଳା ପଛପଟେ ଏକ ପାଦ ଚଲା ରାସ୍ତା ନିର୍ମାଣ କରିଥିଲେ। ଯାହାଦ୍ୱାରା ପଂଚାୟତ କାର୍ଯ୍ୟାଳୟ, ହଡ଼ଗଡ଼ ହାଟ ବଜାରକୁ ସହଜରେ ଯାତାୟାତ କରି ପାରୁଥିଲେ। ଗତ ଲଘୁଚାପ ବର୍ଷାରେ ଗୋଟେ ବିରାଟ ଗର୍ତ୍ତ ହୋଇ ରାସ୍ତାଟି ବିଚ୍ଛିନ୍ନ ହୋଇ ପଡିଥିଲା। ଆଜି ଗ୍ରାମବାସୀ ମିଳିତ ହୋଇ ରାସ୍ତା ମରାମତି କରିବାକୁ ଆସିବା ବେଳେ ବନ ବିଭାଗର କର୍ମଚାରୀମାନେ ବିରୋଧ କରିଥିଲେ। ଯେହେତୁ ଏହା ସେଞ୍ଚୁରୀ ଏରିଆ ତେଣୁ ରାସ୍ତା ନିର୍ମାଣ ନକରିବାକୁ ବନ ବିଭାଗ କହିଥିଲା। ଶତାଧିକ ଗ୍ରାମବାସୀ ଏକଜୁଟ ହୋଇଥିବା ଶୁଣି ସ୍ଥାନୀୟ ସରପଂଚ ନିରୁପମା ନନ୍ଦି, ସମିତି ସଭ୍ୟ ସୁନି ହାଁସଦା ଓ ସ୍ଥାନୀୟ ଅଂଚଳର ନେତୃବୃନ୍ଦ ଘଟଣାସ୍ଥଳରେ ପହଁଚି ଆଲୋଚନା ମାଧ୍ୟମରେ ବିବାଦର ଅବସାନ ଘଟାଇଛନ୍ତି। ଜଙ୍ଗଲରେ କୌଣସି କ୍ଷତି ନଘଟାଇ ପାଦଚଲା ରାସ୍ତା ମରାମତି କରି ଯାତାୟାତର ସୁବିଧା କରିବାକୁ ନିଷ୍ପତି ହୋଇଥିବା ଗ୍ରାମବାସୀମାନେ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଏଠିକାର ଅଧିବାସୀମାନେ ବିସ୍ଥାପିତ ହେବାର ଦୀର୍ଘ ୬୮ ବର୍ଷ ପରେ ମଧ୍ୟ ରାସ୍ତା ସମସ୍ୟା ଯୋଗୁଁ ସାଧାରଣତଃ ମୌଳିକ ସୁବିଧାରୁ ବଂଚିତ ହୋଇ ରହିଛନ୍ତି।

## ସମାଜସେବୀଙ୍କ ଦ୍ୱାରା ଯୋଡ଼ା ବୃଦ୍ଧାଶ୍ରମରେ ରାତ୍ରି ଭୋଜନ ଆୟୋଜନ



ଯୋଡା,୬।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ଯୋଡା ବାଚୁ ହାଟିଂ ସ୍ଥିତ ବୃଦ୍ଧାଶ୍ରମ ପରିସରରେ ଯୋଡାର ଜଣାଶୁଣା ଯୁବ ସମାଜସେବୀ ବାବୁଲି ବିଶ୍ୱାଳ ଏବଂ ତାଙ୍କ ସହଯୋଗୀ ବନ୍ଧୁମାନଙ୍କ ତରଫରୁ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ରାତ୍ରି ଭୋଜନର ଆୟୋଜନ କରାଯାଇଥିଲା। ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟା ୭ ଘଟିକା ସମୟରେ ମୁଖ୍ୟ ଆୟୋଜକ ଶ୍ରୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ପରିବାର ଠାରୁ ବିଚ୍ଛିନ୍ନ ରହି ବୃଦ୍ଧାଶ୍ରମରେ ନିସ୍ୱ ଓ ଅସହାୟ ଜୀବନ କାଟୁଥିବା ତଥା ବାର୍ଦ୍ଧକ୍ୟ ଜନିତ ଦୁରାବସ୍ଥା ଭୋଗ କରୁଥିବା ଅନ୍ତେବାସୀ ମାନଙ୍କ ମନରେ ଟିକିଏ ଖୁସି ଭରି ଦେବାକୁ ଯାଇ ଏକ ରାତ୍ରି ଭୋଜନର ବ୍ୟବସ୍ଥା ଗ୍ରହଣ କରାଯିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ନର ସେବା ନାରାୟଣଙ୍କ ସେବା ପରି ଏକ ମହତ କାର୍ଯ୍ୟର ଆବେଗ ନେଇ ବୃଦ୍ଧାଶ୍ରମରେ ଶ୍ରୀ ବିଶ୍ୱାଳ ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କୁ ସୁସ୍ୱାଦୁ ରାତ୍ରି ଭୋଜନ, ଯେଉଁଥିରେ ଭାତ, ସାଧା ଓ ଆମିଷ ତରକାରୀ, ମିଠା ସହ ଅନ୍ୟାନ୍ୟ ବ୍ୟନ ପ୍ରଦାନ କରାଯାଇଥିଲା। ଭୋଜନ ପାଇ ଅନ୍ତେବାସୀମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଆୟୋଜକଙ୍କୁ ମୁକ୍ତ କଣ୍ଠରେ ଆଶୀର୍ବାଦ କରିଥିଲେ। ଆଶ୍ରମ ପରିସରରେ ଏକ ଭାବପୂର୍ଣ୍ଣ ଓ ଆନନ୍ଦ ଉଲ୍ଲାସର ବାତାବରଣ ଦେଖିବାକୁ ମିଳିଥିଲା। ଏହି ମହତ କାର୍ଯ୍ୟକ୍ରମରେ ଅରବିନ୍ଦ ରାଉତ, ରାଜେଶ ମହଲା,ଅଶୋକ ନାୟକ, ଶମ୍ଭୁନାଥ ଜେନା, ସୁଧାଂଶୁ ରାଉତ, ଆଶୁତୋଷ ପ୍ରଧାନ ଓ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଭଳି ସେବା କାର୍ଯ୍ୟ ସମାଜ ପାଇଁ ପ୍ରେରଣାଦାୟୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ସାଇଁକୁଳ ପଂଚାୟତରେ ସେବା ସେତୁ କାର୍ଯ୍ୟକ୍ରମ



ରାମଚନ୍ଦ୍ରପୁର,୬।୧୦(ନି.ପ୍ର):ଘସିପୁରା ବ୍ଲକ ସାଇଁକୁଳ ପଂଚାୟତରେ ସେବାସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କ ନିକଟରେ ପ୍ରଶାସନିକ ଅଧିକାରୀ ପହଁଚି ବିଭିନ୍ନ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିଛନ୍ତି। ମୁଖ୍ୟତଃ ଆବାସ, ଭତ୍ତା ଠାରୁ ଆରମ୍ଭ କରି ମୁକ୍ତ ବିଜୁଳୀ ଅନ୍ୟାନ ଯୋଜନା ସଂପର୍କରେ ପଂଚାୟତ ସ୍ତରରେ ଥିବା ଲୋକ ମାନଙ୍କ ସାଧାରଣ ସମସ୍ୟା ଶୁଣିବା ସହିତ ଏହାର ତ୍ୱରିତ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପ୍ରଶାସନିକ ଅଧିକାରୀ ମାନେ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ। ଏଥିରେ ୪ଟି ପଂଚାୟତ ଖଲଣା, ମଦନପୁର, ସାଇଁକୁଳ, ମଛାଳ ପଂଚାୟତର ଲୋକମାନେ ବିଭିନ୍ନ ପ୍ରକାର ସମସ୍ୟା ସଂପର୍କରେ ଅଭିଯୋଗ କରିଥିଲେ। ଘସିପୁରା ବିଡିଓ ବିନିତା ବିଜୟିନୀ ଏବଂ ବ୍ଲକ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗ ଶୁଣାଣିରେ ୪ଟି ପଂଚାୟତ ଅଧିନ ସମସ୍ତ ଗ୍ରାମରୁ ଶତାଧିକ ଜନସାଧାରଣ ପହଁଚି ନିଜ ନିଜର ଅଭିଯୋଗ ବାଢିଥିଲେ। ଏଥିରେ ପ୍ରମୋଦ କୁମାର ପରିଡ଼ା, ବିଷ୍ଣୁ ସାମଲ, ରବୀନ୍ଦ୍ର ପଣ୍ଡା, ବିଜୟ ପରିଡା, ସୁଧୀର ବେହେରା ପ୍ରମୁଖ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ପଂଚାୟତରେ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଏଭଳି ଅଭିନବ ପ୍ରୟାସକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ଆନନ୍ଦପୁର ସାଇ ସଂଗଠନ ଉପଦେଷ୍ଟାଙ୍କ ଦେହାନ୍ତ

ଆନନ୍ଦପୁର,୬।୧୦(ନି.ପ୍ର):ଆନନ୍ଦପୁର ସତ୍ୟ ସାଇ ସେବା ସଂଗଠନର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ବିଡ଼ିଓ ବଂଶୀଧର ଦାସ (୯୪)ଙ୍କ ଦେହାନ୍ତ ହୋଇଯାଇଛି । ସେ ଅବସର ପରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଶ୍ରୀ ସତ୍ୟସାଇ ସେବା ସଂଗଠନରେ ସମର୍ପିତ କରୁଥିଲେ । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରସ୍ଥିତ ଫରେଷ୍ଟ ପାର୍କ ଠାରେ ଚିକିତ୍ସିତ ହେଉଥିବା ବେଳେ ହଠାତ ଅସୁସ୍ଥ ହୋଇପଡିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ତାଙ୍କ ବିୟୋଗରେ ଆନନ୍ଦପୁର ଓ କେନ୍ଦୁଝର ଜିଲ୍ଲାର ଶ୍ରୀ ସତ୍ୟସାଇ ସଂଗଠନ ଭାଇ ଭଉଣୀ ମାନଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି । ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଂଗଠନ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ହୋଇ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ସତ୍ୟନଗର ଶ୍ମଶାନ ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ପୁଅ ସୟ ଦାସ ମୁଖାଗ୍ନି ଦେଇଥିଲେ । ଏହି ଦୁଃଖଦ ସମୟରେ ତାଙ୍କର କନ୍ୟା ଏବଂ ଜ୍ୱାଇଁ ଶରତ ପଟ୍ଟନାୟକ, ଡ଼. ଜଗନ୍ନାଥ ଦାସ,ଦିଲ୍ଲୀପ କୁମାର ଧଳ, ଶ୍ରୀ ଚତୁର୍ଭୁଜ ସାହୁ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ ।



## ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ କୃଷକ ପ୍ରଶିକ୍ଷଣ ଶିବିର



ତେଲକୋଇ,୬।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଖୁଣ୍ଟାପଡା ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କ ଅଧକ୍ଷତାରେ ଏକ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ସହ କୃଷି ଅଧିକାରୀ ବିଶ୍ୱ ଭୂଷଣ ଘୋଷ ଓ ଗ୍ରାମ ପଂଚାୟତ କୃଷି ଅଧିକାରିଣୀ ଶ୍ରୀମତୀ ଚନ୍ଦ୍ରିକା ଦେହୁରୀ ସହଯୋଗ କରିଥିଲେ । ଗ୍ରାମ ପଂଚାୟତର ୬୦ଜଣ କୃଷକ ଉପସ୍ଥିତ ଥିଲେ । ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ମିଶ୍ର ଡାଲି ଜାତୀୟ ଫସଲ ଉପରେ ଆମେ ଆତ୍ମ ନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆତ୍ମନିର୍ଭରଶୀଳତା ଓ ଡାଲି ଜାତୀୟ ଫସଲ ଉପରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ ନିମନ୍ତେ ସୂଚନା ପ୍ରଦାନ କରିଥିଲେ । ମଟର, ବୁଟର ଛଟାବୁଣା ଓ ରାସାୟନିକ ସାରର ବ୍ୟବହାର କମ୍ କରିବା ତଥା ମାଟି ପରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଉପସ୍ଥିତ ମହିଳା ସଭ୍ୟ ମାନଙ୍କୁ ଜାଗ୍ରତ ହେବା ଓ ଧରା ଜହର ଯଥା ଲୁଣ, ଚିନି ଓ ମଇଦା ନଖାଇ ଗୁଡାଲୁଣ, ଗୁଡ, ବ୍ୟବହାରକୁ ଜୋରଦାର କରିବା ପାଇଁ ପ୍ରବର୍ତ୍ତାଇଥିଲେ । ସଂସ୍କୃତିକୁ ଛାଡି ଆଜି ଆମେ ଅପସଂସ୍କୃତିକୁ ଆପଣାଉଛେ । ସେଥିରୁ ନିବୃତ୍ତ ରହିବାକୁ ସମସ୍ତଙ୍କୁ ପ୍ରବର୍ତ୍ତାଇ ଥିଲେ । କାର୍ଯ୍ୟକ୍ରମ ଶେଷରେ କୃଷି ଅଧିକାରିଣୀ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ନିନ୍ଦା

ଆନନ୍ଦପୁର,୬।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଂଚଳର ସୁଆଁପଦା ଠାରେ ବରିଷ୍ଠ ସାମ୍ବାଦିକ ମାନସ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣକୁ ଆନନ୍ଦପୁର ଗଣମାଧ୍ୟମର ପ୍ରତିନିଧିମାନେ ନିନ୍ଦା କରିଛନ୍ତି। ଆକ୍ରମଣରେ ମାନସଙ୍କ ଡାହାଣ ଗୋଡ଼ ଜଙ୍ଘ ଭାଙ୍ଗି ଯାଇଥିବା ବେଳେ ତାଙ୍କ ଦେହରେ ଅନେକ ଆଘାତ ଲାଗିଛି। ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅଛନ୍ତି। ମାନସ କୌଣସି କାମରେ ଭୁବନେଶ୍ୱର ଯାଉଥିବା ବେଳେ ସୁଆଁପଦା ଠାରେ ଗାଡ଼ି ଓଭରଟେକକୁ ନେଇ ସାଇଁକୁଳ ଗ୍ରାମର ପଙ୍କଜ ପଣ୍ଡାଙ୍କ ସହ ଯୁକ୍ତିତର୍କ ଆରମ୍ଭ ହୋଇ ପେଲାପେଲିରେ ମାନସ ଗୁରୁତର ଆହତ ହୋଇଛନ୍ତି। ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ ନେଇ ଆନନ୍ଦପୁରର ସାମ୍ବାଦିକ ମହଲରୁ ନିନ୍ଦା କରାଯାଇ ଗୁରୁତର ଆହତ ଶ୍ରୀ ମହାନ୍ତିଙ୍କୁ ସମବେଦନା ଜଣାଇଛନ୍ତି। ସାମ୍ବାଦିକ ଶ୍ରୀ ମହାନ୍ତିଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତି ଘୋର ନିନ୍ଦା କରିବା ସଙ୍ଗେ ସଙ୍ଗେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରିଛନ୍ତି। ପୋଲିସ ପକ୍ଷରୁ ଘଟଣା ସଂପର୍କରେ ତଦନ୍ତ ଅବ୍ୟାହତ ରହିଛି।

## ମିଲେଟ ମିଶନ ଦ୍ୱାରା ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



ତେଲକୋଇ,୬।୧୦(ନି.ପ୍ର): ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ମନ୍ଦିର ଛକ ଠାରେ ଖୁଣ୍ଟାପଡାର ଏସ୍‌ଏଚ୍‌ଜି ଗ୍ରୁପ୍ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ତେଲକୋଇ ମହିଳା ଶିଶୁ ବିକାଶ ଅଧିକାରିଣୀ ସୀମା ଦାସ, ସରପଂଚ ଲକ୍ଷ୍ମୀ ଗୁଣ୍ଡୀ, ଏସ୍‌ଆରଏ ସନ୍ତୋଷ ଜେନା, ବିପିସି ସୁଶୀଳା ମରାଣ୍ଡି ଓ ପିଏ ମମତାର ଜ୍ୟୋତିପ୍ରଭା ସାହୁଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଫିତା କାଟି ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବରା, ପକୁଡି, କାକରା, ଆରିସା, କ୍ଷୀରି ଓ ପୋଡପିଠା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିଥିଲେ । ସେମାନେ ମଧ ଉକ୍ତ ଜଳଖିଆ ଉନ୍ନତମାନର ହୋଇଥିବା ଉପଲବ୍ଧି କରିଥିଲେ । ସଂଘର ସଭାପତି, ସମ୍ପାଦକ ଓ ଅନ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ । ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ନନ୍ଦିତା ସାହୁ, ଜ୍ୟୋତି ମରୀ ସାହୁ, ଝୁନୁ ସାହୁ ଓ ସୁମତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସିଡିପିଓ ମାଡାମ୍ ଉକ୍ତ ଜଳଖିଆ ସ୍ୱାସ୍ଥ୍ୟପ୍ରଦ ବୋଲି ବର୍ଣ୍ଣନା କରିଥିଲେ । ସରପଂଚ ମହାଶୟା ଉକ୍ତ ଖାଦ୍ୟ ସ୍ୱାଦିଷ୍ଟ ଓ ସ୍ୱାସ୍ଥପଯୋଗି ବୋଲି କହିଥିଲେ । ଦୈନିକ ଓଡିଆ ଖବରକାଗଜ 'ପ୍ରତିଦିନ'ର ସମ୍ବାଦଦାତା ଶ୍ରୀ ନିରନ ମିଶ୍ର ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବୈତରଣୀ ଘାଟରୁ ବାଲି ଚୋରା ଚାଲାଣ, ୨ ଟ୍ରାକ୍ଟର ଜବତ



ପାଟଣା,୬।୧୦(ନି.ପ୍ର):କେନ୍ଦୁଝର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଧନରାଜ ହନୁମନ୍ତ ଧାମଧେରେ, ଆଇଏଫ୍‌ଏସ୍‌ଙ୍କ ନର୍ଦ୍ଦେଶ କ୍ରମେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧୨ଟା ୪୫ ମିନିଟ ସମୟରେ ପାଟଣା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ପାଟଣା ବନାଞ୍ଚଳ ଅଧୀନ ପାଟଣା ସେକ୍ସନର ପାଟଣା ବିଟ ଅନ୍ତର୍ଗତ ଜାମୁପୋଷି ଗ୍ରାମର ବୈତରଣୀ ନଦୀ ଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ବେଳେ ବନବିଭାଗ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ବାଲି ବୋଝେଇ ୨ଟି ଟ୍ରାକ୍ଟର ଜବତ କରି ପାଟଣା ରେ କାର୍ଯ୍ୟାଳୟକୁ ଅଣାଯାଇଛି। ଏହି ଚଢ଼ାଉରେ ପାଟଣା ବନାଞ୍ଚଳ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧା, ବନପାଳ ନିରନ ସେଠୀ, ବନପାଳ ଚିତ୍ତରନ ପରିଡ଼ା, ଫରେଷ୍ଟ ଗାର୍ଡ ଯାଜ୍ଞସେନୀ ଗୋଛାୟତଙ୍କ ସମେତ ପାରା ସ୍କ୍ୱାଡ୍ ଓ ଅନ୍ୟ ବନ କର୍ମଚାରୀ ସାମିଲ ହୋଇଥିଲେ। ବେଆଇନ ବାଲି ଚୋରାଚାଲାଣ ବିରୋଧରେ ବନବିଭାଗ ପକ୍ଷରୁ ଚଢ଼ାଉ ଓ ଯାଂଚ ଜାରି ରହିଛି।

### ରାସ୍ତାରେ ନିର୍ମାଣ ସାମଗ୍ରୀ ପାଇଁ ଛାତ୍ରଙ୍କ ମୃତ୍ୟୁ ଘଟଣା

# ମାନବଧିକାର କର୍ମୀ ଓଏଚଆରସିର ଦ୍ୱାରସ୍ଥ



କେନ୍ଦୁଝର,୬।୧୦(ନି.ପ୍ର):କେନ୍ଦୁଝର ସହରର କୃଷକ ବଜାରସ୍ଥିତ ପଣ୍ଡା କ୍ଲଥ୍ ଷ୍ଟୋର ନିକଟରେ ରାସ୍ତା ଉପରେ ବାଲି ଓ ଚିପ୍ସ ପକାଇ ରଖିବା ଯୋଗୁଁ ଦୁର୍ଘଟଣାରେ ଜଣେ ୨୨ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ଘଟଣା ରାଜ୍ୟ ମାନବଧିକାର କମିଶନଙ୍କ ନିକଟରେ ପହଁଚିଛି। ଏହି ଘଟଣାକୁ ନେଇ କେନ୍ଦୁଝରଗଡ଼ ପୌରପାଳିକାର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠିଛି। ଏନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଡହଲ ଗ୍ରାମର ଶୁଭ୍ରାଂଶୁ ବେହେରା ଗତ ସେପ୍ଟେମ୍ବର ମାସ ୨ ତାରିଖ ରାତି ପ୍ରାୟ ୮ଟା ସମୟରେ ସେ ମୋଟରସାଇକେଲରେ ଘରକୁ ଫେରୁଥିବା ବେଳେ ରାସ୍ତା ଉପରେ ପଡ଼ିଥିବା ବାଲି ଓ ଗୋଡ଼ି ଯୋଗୁଁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଆହତ ଶୁଭ୍ରାଂଶୁଙ୍କୁ ପ୍ରଥମେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏସ୍‌ସିବି ମେଡିକାଲ କଲେଜକୁ ନିଆଯାଇଥିଲା। ତେବେ ସେପ୍ଟେମ୍ବର ୩ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁଭ୍ରାଂଶୁ ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ଶ୍ରୀ ନାୟକ ଆହୁରି ଦର୍ଶାଯାଇଛି ଯେ, ଘଟଣାସ୍ଥଳରେ ପ୍ରାୟ ତିନି ମାସ ଧରି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପଡ଼ି ରହିଥିଲା । ଏହା ଯୋଗୁଁ ଯାତାୟାତ ପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଏହି ଘଟଣାରେ କେନ୍ଦୁଝର ଟାଉନ ଥାନା ନିଜ ଆଡୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬(୧) ଓ ୨୮୧ ଏକ ମାମଲା (କେସ ନଂ–୮୭୩/୨୦୨୬) ରୁଜୁ କରିଥିଲେ ମଧ୍ୟ ନିର୍ମାଣକାର୍ଯ୍ୟ ପାଇଁ ରାସ୍ତାରେ ସାମଗ୍ରୀ ରଖିଥିବା ବ୍ୟକ୍ତି ଓ ସଂପୃକ୍ତ ପୌର ଅଧିକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ, ରାସ୍ତା ଅବରୋଧ ସଂପର୍କିତ ରେକର୍ଡ ଓ ସିସିଟିଭି ଫୁଟେଜ୍, ଦାୟୀ ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ କମିଶନଙ୍କ ନିକଟରେ ହିମାଂଶୁ ଦାବି କରିଛନ୍ତି ।

# କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଟିକାବାଲି,୬।୧୦(ନି.ପ୍ର): ବ୍ଲକର କଟିମାହା ପଞ୍ଚାୟତ ସ୍ଥିତ ପଧାନପଡା ବିଦ୍ୟାଳୟ ଠାରେ ଚଳିତ ବର୍ଷର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଧୁମଧାମ ରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ରୁପେ ଟିକାବାଲି ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ଦିଲୀପ କହଁର, ସମ୍ମାନିତ ଅତିଥି ରୁପେ ଟିକାବାଲି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଗଣେଶ୍ୱର କହଁର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିଶୁପ୍ରତିଭା କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଔ କଟିମାହା ପଞ୍ଚାୟତର ସମସ୍ତ ବିଦ୍ୟାଳୟ ରୁ ଅନେକ ଶିଶୁ ପ୍ରତିଭା ଏହି କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ସେଥିରେ ଚିତ୍ରାଙ୍କନ, ବିତର୍କ, ବକ୍ତୃତା, ନୃତ୍ୟ, ଚିତ୍ରକଳା, ଶିଳ୍ପକଳା, କୁଇଜ, ଶ୍ରୁତଲିଖନ, ଗଳ୍ପ କଥନ, ଗଣିତ ଦୌଡ଼ ଭଳି ପ୍ରମୁଖ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ଔ ଏହି କାର୍ଯ୍ୟକ୍ରମ ରେ କଟିମାହା କ୍ଲଷ୍ଟର ର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ସୁଚାରୁ ରୁପେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମର ସଭାପତି ରୁପେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ଅନନ୍ତ କୁମାର ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ କଟିମାହା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅରବିନ୍ଦ ମହାପାତ୍ର ବହୁତ ସୁନ୍ଦର ଭାବେ ପରିଚାଳନା କରିଥିଲେ ଔ ପରିଶେଷରେ ରେ ସମସ୍ତ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ ପରବର୍ତ୍ତୀ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ରହିବା ପାଇଁ କହି ସଭା ସାଙ୍ଗ କରାଯାଇଥିଲା ।

### ରାୟଗଡ଼ା ଓ ବନ୍ଧୁଗାଁ ବ୍ଲକର ସୀମାନ୍ତ ଗ୍ରାମରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବିଳମ୍ବରେ ଆସି ୩ଟା ସ୍କୁଲ ବନ୍ଦ କରି ଯାଉଛନ୍ତି ଶିକ୍ଷକ



ବନ୍ଧୁଗାଁ,୬।୧୦(ନି.ପ୍ର): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ରାୟଗଡ଼ା ଜିଲ୍ଲା ସୀମାନ୍ତ କୁ ଲାଗି ଥିବା ପଞ୍ଚାୟତ ଗ୍ରାମ ଗୁଡିକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛିଛ ଗାରିଡି, କୁଟ୍ରାବେଡା, କେ ଜାଗୁଗୁଡା, କୁମ୍ଭାରିପୁଟ ପଞ୍ଚାୟତର ସ୍କୁଲ ଗୁଡିକରେ ଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରୁ ପ୍ରାୟ ୫୦ ଭାଗ ରାୟଗଡ଼ା ଜିଲ୍ଲାରେ ରହିଛନ୍ତି। ପ୍ରତି ଦିନ ଶିକ୍ଷକ ସବୁ ପ୍ରାୟ ୨୫ ରୁ ୩୫ କିମି ଦୂରରୁ ବାଇକ, କାର ଓ ବସ ଦେଇ ସ୍କୁଲ କୁ ଆସୁଛନ୍ତି । ଏଥି ପାଇଁ ସ୍କୁଲ ଗୁଡିକୁ ଶିକ୍ଷକ ମାନେ ପ୍ରତିଦିନ ସକାଳ ଘଣ୍ଟା ୧୦ :୩୦ ରୁ ୧୧ ଘଣ୍ଟା ମଧ୍ୟରେ ପହଞ୍ଚି ସ୍କୁଲର ଚାବି ଖୋଲୁଛନ୍ତି। ପୁଣି ଠିକ ମଧାହ୍ନ ୩ ଘଣ୍ଟା ରୁ ସ୍କୁଲ ବନ୍ଦ କରି ଶିକ୍ଷକ ମାନେ ରାୟଗଡ଼ା ଫେରି ଯାଉଛନ୍ତି। ଶିକ୍ଷକ ମାନେ ମାତ୍ର ୪ ଘଣ୍ଟା ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇ ଆମ ପିଲାଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟରେ ଠେଲି ଦେଉଛନ୍ତି। ଏହି ପ୍ରକାର ଭାବରେ ବନ୍ଧୁଗାଁ ବ୍ଲକର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଆଜି ରାୟଗଡ଼ା ଜିଲ୍ଲା ରୁ ସୀମାନ୍ତ ମୁଖ୍ୟ ରାସ୍ତା କଡ଼ରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗାଲିପେଣ୍ଡିଲି ର ଦୁଇ ଜଣ ଶିକ୍ଷୟତ୍ରୀ ସକାଳ ଘଣ୍ଟା ୧୦:୨୫ ମିନିଟ ରେ ପହଞ୍ଚି ଥିଲେ। ଏହି ସମୟ ରେ ପିଲାମାନେ ମୁଖ୍ୟ ରାସ୍ତା ଯିବା ଆସିବା କରି ସ୍କୁଲ ଆଗରେ ଖେଳୁ ଥିଲେ। ଶିକ୍ଷୟତ୍ରୀଙ୍କ ବିଦ୍ୟାଳୟକୁ ଆସିବା ବିଳମ୍ବ ପଚାରିବାରୁ ବାଟରେ ଆସୁ ଥିବା ଗାଡ଼ି ବିଳମ୍ବ ହେଲା। ଏହାକୁ ନେଇ ଡୁମାଡଙ୍ଗର କ୍ଲଷ୍ଟର ସି ଆର ସି ନିରଞ୍ଜନ ସାହୁ ଙ୍କୁ ଅବଗତ କରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି କହି ଥିଲେ। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମଦନ ମୁଦୁଲିଙ୍କୁ ଫୋନ ମାଧମରେ ଅବଗତ କରିବାରୁ ଶିକ୍ଷୟତ୍ରୀ ଦୁଇଜଣ ଆସୁଥିବା ଗାଡ଼ି ବାଟରେ ଖରାପ ହୋଇଥିବା ଜାଣି ଥିଲେ। ଏହି ପ୍ରକାର ଶିକ୍ଷା ସୀମାନ୍ତ ଅଞ୍ଚଳରେ ଚାଲିଥିବାରୁ ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟର ଦାୟିତ୍ୱ ରେ ଥିବା ଅଧିକାରୀ, ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ସମାଧାନ କରିବାକୁ ବ୍ଲକର ସମସ୍ତ ଜନସାଧାରଣ ଅନୁରୋଧ କରିଛନ୍ତି।

# ୨୩ ଖଣ୍ଡ ଶାଳ କାଠ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ



ଝରିଗାଁ,୬।୧୦(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବନାଞ୍ଚଳ ଅଧୀନ ଲୋଣ୍ଡା ସିଲବିଟ୍ର କଂଗ୍ରା ସେକ୍ସନ୍ ଅନ୍ତର୍ଗତ କଂଗ୍ରା ଗାଁ ନିକଟ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୩ ଖଣ୍ଡ ଶାଳ କାଠ ସହ ଗୋଟିଏ କରତ, ଦୁଇଟି ଟାଙ୍ଗିଆ ଓ ଗୋଟିଏ ମୋଟରସାଇକେଲ ମଧ୍ୟ ଜବତ ହୋଇଛି। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ଘଟଣାସ୍ଥଳରୁ ଏକ ହିରୋ ସୁପର ସ୍ପ୍ଲେଣ୍ଡର ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ କଂଗ୍ରା ଗ୍ରାମର ଶିବରାମ ଛତ୍ରିୟା (୫୫), ପିତା- ଲାଲ ସିଂ ଛତ୍ରିୟାଙ୍କୁ ବନ ବିଭାଗ ଧରି ପଚରାଉଚରା କରିଥିଲା। ପରେ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।ଚଢ଼ାଉ ସମୟରେ ଝରିଗାଁ ରେଞ୍ଜର ସୁଶାନ୍ତ ସିଂ, ଫରେଷ୍ଟର ମନୋରଞ୍ଜନ ନାୟକ, ଫରେଷ୍ଟର ଉମାକାନ୍ତ ସାହୁ, ଫରେଷ୍ଟ ଗାର୍ଡ ସୁଶାନ୍ତ ମାଝିଙ୍କ ସମେତ ପାରାଷ୍ଟାଫ୍ ଓ ବନ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।ସ୍ଥାନୀୟ ସୂଚନା ଅନୁଯାୟୀ, କେତେକ ବନ ମାଫିଆ ଜଙ୍ଗଲରୁ ବେଆଇନ ଭାବେ ମୂଲ୍ୟବାନ କାଠ କାଟି ଚୋରାଚାଲାଣ କରୁଥିବା ଅଭିଯୋଗ ରହିଛି। ଜଙ୍ଗଲ ସୁରକ୍ଷା ଦୃଷ୍ଟିରୁ ଏଭଳି ବେଆଇନ କାଠ କାଟିବା ଓ ଚୋରାଚାଲାଣ ଉପରେ ବନ ବିଭାଗ ଆହୁରି କଡ଼ା ନଜର ରଖିବା ସହ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି।

### ଅବସର ଭବନରେ ୨୦୨୬-୨୯ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ

# ରାଧାମୋହନ ସଭାପତି,ଚାନ୍ଦମଣି ସମ୍ପାଦକ ନିର୍ବାଚିତ



ରାଉରକେଲା,୬।୧୦(ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୦୨୬-୨୯ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଏହି ନିର୍ବାଚନରେ ସଭାପତି ଭାବେ ରାଧାମୋହନ ନାୟକ, ଉପସଭାପତି ଭାବେ ବଳବୀର ସିଂହ ଓ ସୁରେନ୍ଦ୍ର କୁମାର ରାଉତ, ସାଧାରଣ ସମ୍ପାଦକ ଭାବେ ଚାନ୍ଦମଣି ବେହୁରା,ସହ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ଭାବେ ବିବେକାନନ୍ଦ ସାହୁ ଓ ରବିନ୍ଦ୍ରନାଥ ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିଲେଛ ସମସ୍ତ ପଦବୀ ପାଇଁ ଗୋପନ ବାଲାଟ ମାଧ୍ୟମରେ ନିର୍ବାଚନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ମାସ ୧୩ ତାରିଖରେ ନିଜ ନିଜ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ କାର୍ଯ୍ୟକାରୀ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ। ସେହି ସଦସ୍ୟ ମାନଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୧ ଜଣ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଥିଲେ। ସେହିପରି ୩ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପତ୍ର ଦାଖଲ ହୋଇନଥିବାରୁ ତାହା ଖାଲି ରହିଛି । କାର୍ଯ୍ୟକାରୀ କମିଟିରୁ ସର୍ବଶ୍ରୀ ଧନଞ୍ଜୟ ଦାଶ, ପ୍ରମୋଦ କୁମାର ମହାନ୍ତି, ସୁରେନ୍ଦ୍ର କୁମାର ରାଉତ, ବିବେକାନନ୍ଦ ସାହୁ, ଚାନ୍ଦମଣି ବେହୁରା, ନାରାୟଣ ଚନ୍ଦ୍ର ସାମଲ, ବିପ୍ରଚରଣ ସେଠୀ, ଶାନ୍ତନୁ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ପ୍ରେମାନନ୍ଦ ସାମଲ, ଲତିକା ପଟ୍ଟନାୟକ, କୁମାରେଶ ପାଣି, ବଳବୀର ସିଂହ, ବିକ୍ରମ ପ୍ରଧାନ, ସଚ୍ଚିଦାନନ୍ଦ ମିଶ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଜଗନ୍ନାଥ ସାହୁ, ରବିନ୍ଦ୍ରନାଥ ପ୍ରଧାନ, ବିକାଶ କୁମାର ରାଉତରାୟ, ଅକ୍ଷୟ କୁମାର ନାୟକ,ଅଭୟ କୁମାର ଦାସ, ରାଧାମୋହନ ନାୟକ, ଦୀପକ କୁମାର ଦାସ, ବସନ୍ତ କୁମାର ଜେନା ପ୍ରମୁଖ ୨୪ଜଣ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନକୁ ପ୍ରାକ୍ତନ ସଭାପତି ଇଂ ଅଭୟ କୁମାର ଦାସ ପରିଚାଳନା କରିଥିବାବେଳେ ଅମରେନ୍ଦ୍ର ରାଉତ ଓ କପିଳେଶ୍ୱର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ବିନା ବିଜ୍ଞାପନରେ ଆଶା କର୍ମୀ ଚୟନ ପ୍ରକ୍ରିୟାକୁ ଗ୍ରାମବାସୀଙ୍କ ବିରୋଧ ଘଟଣା

# ତଦନ୍ତ କରିବା ପରେ ପୁନଃ ଆଶା କର୍ମୀ ଚୟନ ପ୍ରକ୍ରିୟା ପାଇଁ ନୋଟିସ ଜାରି

ଦାରିଙ୍ଗବାଡ଼,୬।୧୦(ନି.ପ୍ର):ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ପଞ୍ଚାୟତ ସୁଲୁମାହା ଗ୍ରାମ ଓ ତିଲୋରୀ ପଞ୍ଚାୟତ ଡେମୀଙ୍ଗିଆ ର ଆଶା କର୍ମୀ ନିଯୁକ୍ତିରେ ଚଞ୍ଚକତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ବିନା ବିଜ୍ଞାପନରେ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ଲୋକ ଅଭିଯୋଗ କରିଥିଲେ କିନ୍ତୁ ବିଭାଗ ତରଫରୁ ବିଜ୍ଞାପନ ଲଗାଯାଇଥିବା କୁହାଯିବ ସହିତ କିଛି ଫୋଟ ଲଗା ଯାଇ ଥିବା ବିଭାଗୀୟ ଅଧିକାରୀ ଙ୍କୁ ଦିଆଯାଇଥିଲା କିନ୍ତୁ ସେହି ଫୋଟ ରେ ନା ଅଙ୍ଗୱାଡି କର୍ମୀ ଥିଲେ ନା ଆଶା କର୍ମୀ ଏଭଳି ଅଭିଯୋଗ ମିଳିବା ପରେ ଏହି ଦୁଇଟି ଗ୍ରାମର ଆଶା କର୍ମୀ ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବା ବେଳେ ଆଜି ୫ ତାରିଖରେ ଘଟଣାର ତଦନ୍ତ କରାଯାଇ ପୁର୍ନବାର ଆଶା କର୍ମୀ ଚୟନ ପ୍ରକ୍ରିୟା ପାଇଁ ନୋଟିସ ଜାରି କରାଯାଇଛି।

ସୂଚନା ଅନୁସାରେ ଶ୍ରାନିକେତା ପଞ୍ଚାୟତ ସୁଲୁମାହା ଗ୍ରାମ ଓ ତିଲୋରୀ ପଞ୍ଚାୟତ ଡେମୀଙ୍ଗିଆର ଆଶା କର୍ମୀ ନିଯୁକ୍ତି ନେଇ ନୋଟିସ ଲଗାଯାଇଥିବା କୁହାଯାଇଥିବା ବେଳେ ଏହି ଦୁଇ ଗ୍ରାମବାସି ଏ ନେଇ କୌଣସି ସୂଚନା ପାଇ ନଥିଲେ ଯାହାକୁ ନେଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଙ୍କ ନିକଟରେ ଅଭିଯୋଗ କରିଥିଲେ ଅଭିଯୋଗକୁ ଆଧାର କରି ଆଜି ଘଟଣାର ତଦନ୍ତ କରି ଆଶା କର୍ମୀ ଭାବରେ ନିଯୁକ୍ତ ପାଇବା ପାଇଁ ନୂତନ ନୋଟିସ ଜାରି କରିଛନ୍ତି । ଆବେଦନର ଶେଷ ତାରିଖ ଅକ୍ଟୋବର ୧୫ ତାରିଖ ରହିଛି ଅଭିଯୋଗ ପରେ ଜିଲ୍ଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁନର୍ବାର ନୋଟିସ ଜାରି କରିଥିବାରୁ ସମସ୍ତ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିପାରିବେ ଓ ଯୋଗ୍ୟ ହିତାଧିକାରୀ ଆଶା କର୍ମୀ ଭାବରେ ନିଯୁକ୍ତ ହେବେ ବୋଲି ଗ୍ରାମବାସୀ ମାନେ ଆଶା ଭରଷା କରି ରହିଛନ୍ତି ।



# ମେଡିକାଲ କଲେଜ ରାସ୍ତାରେ ଅବ୍ୟବସ୍ଥିତ ପାର୍କିଂ ବାଲି-ଗୋଡ଼ିରେ ଅବରୋଧ



କୋରାପୁଟ,୬।୧୦(ନି.ପ୍ର):ମେଡିକାଲ କଲେଜ ଓ ହସ୍ପିଟାଲକୁ ଯାତାୟାତ କରୁଥିବା ପୂଜାରୀପୁଟ ରାସ୍ତାରେ ଅବ୍ୟବସ୍ଥିତ ଭାବେ ଯାନବାହାନ ପାର୍କିଂ କରାଯାଉଥିବା ସହ ରାସ୍ତା କଡ଼ରେ ବାଲି, ଗୋଡ଼ି ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ପକାଇ ରଖାଯାଉଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାର ଏକ ଅଂଶ ଅବରୋଧ ହେବା ସହ ଦୈନନ୍ଦିନ ଯାତାୟାତରେ ସମସ୍ୟା ଉପୁଜୁଛି। ପୂଜାରୀପୁଟ ରାସ୍ତାଟି ମେଡିକାଲ କଲେଜ ଓ ହସ୍ପିଟାଲ ସହ ସଂଯୋଗ କରୁଥିବାରୁ ଏହି ରାସ୍ତାରେ ସବୁବେଳେ ରୋଗୀ, ସମ୍ପର୍କୀୟ, ଡାକ୍ତର, ନର୍ସ ଓ ସାଧାରଣ ଲୋକଙ୍କ ଯାତାୟାତ ରହିଥାଏ। ଏଭଳି ସ୍ଥିତିରେ ରାସ୍ତାରେ ଅନିୟମିତ ପାର୍କିଂ ଓ ନିର୍ମାଣ ସାମଗ୍ରୀ ରହିବା ଯୋଗୁଁ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀନ ଯାନବାହାନର ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ରହୁଛି। ବିଶେଷକରି ଜରୁରୀ ସମୟରେ ଆମ୍ବୁଲାନ୍ସକୁ ହସ୍ପିଟାଲରେ ପହଞ୍ଚିବାରେ ସାମାନ୍ୟ ବିଳମ୍ବ ମଧ୍ୟ ରୋଗୀଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଏହାସହ ରାସ୍ତାରେ ବାଲି ଓ ଗୋଡ଼ି ପଡ଼ି ରହିବା ଯୋଗୁଁ ଦୁଇଚକିଆ ଯାନ ଚାଳକଙ୍କ ପାଇଁ ମଧ୍ୟ ଦୁର୍ଘଟଣାର ଆଶଙ୍କା ରହୁଛି। ସ୍ଥାନୀୟ ବାସିନ୍ଦା କାମାକ୍ଷା ପ୍ରସାଦ ମାଝୀ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାରେ ହେଉଥିବା ଅବ୍ୟବସ୍ଥିତ ପାର୍କିଂ ନିୟନ୍ତ୍ରଣ କରିବା, ବାଲି-ଗୋଡ଼ି ଓ ନିର୍ମାଣ ସାମଗ୍ରୀ ହଟାଇବା ସହ ଭବିଷ୍ୟତରେ ଏଭଳି ଅବରୋଧ ନହେବା ପାଇଁ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏ ବାବଦରେ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଶ୍ରୀ ମାଝୀ ଏକ ଚିଠି ପ୍ରଦାନ କରିଛନ୍ତି।

# ଅଡିସନକୁ ନେଇ ଅସନ୍ତୋଷ, ବଣାଇ କଳାକାରଙ୍କ ଦାବିପତ୍ର



ବଣାଇ,୬।୧୦(ନି.ପ୍ର):ଲୋକକଳାକାରଙ୍କ ପ୍ରତିଭା ଚିହ୍ନଟ ପାଇଁ ଆୟୋଜିତ ହେଉଥିବା ଅଡିସନକୁ ନେଇ ବଣାଇ ଉପଖଣ୍ଡର କଳାକାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ ଅଡିସନ ଆୟୋଜନ ନିଷ୍ପତ୍ତି ହୋଇଥିବାରୁ ବଣାଇ ଅଞ୍ଚଳର କଳାକାରଙ୍କୁ ଦୂର ଯାତ୍ରା କରିବାକୁ ପଡ଼ିବା ନେଇ ପ୍ରଶ୍ନ ଉଠିଛି। ସଂସ୍କୃତି ବିଭାଗ ପକ୍ଷରୁ ଅକ୍ଟୋବର ୬ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ସଂସ୍କୃତି ଭବନରେ ଅଡିସନ ହେବାକୁ ଥିବା ବେଳେ ବଣାଇର ଅନେକ କଳାଦଳ ଏଥିରେ ଯୋଗଦେବାକୁ ଆର୍ଥିକ ଓ ଯାତାୟାତ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏକ କଳାଦଳକୁ ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ ପ୍ରାୟ ୧୨ରୁ ୧୫ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କଦମ୍ବ କେଶରୀ ସାଂସ୍କୃତିକ କଳା ପରିଷଦର ସଭାପତି ଖଗେଶ୍ୱର ବାରିକ କହିଛନ୍ତି। ବଣାଇ ଉପଖଣ୍ଡରେ ୩ ହଜାରରୁ ଅଧିକ ଲୋକକଳାକାର ଥିବା ଦାବି କରାଯାଉଥିବା ବେଳେ ଅନେକ କଳାକାର ଗ୍ରାମାଞ୍ଚଳରେ ରହିଛନ୍ତି। ସେମାନଙ୍କୁ ଅଡିସନ ପାଇଁ ପ୍ରାୟ ୧୫୦ରୁ ୨୦୦ କିଲୋମିଟର ଦୂର ଯିବାକୁ ପଡ଼ିବାରୁ ଅନେକ ପ୍ରତିଭା ଅଡିସନରେ ପହଞ୍ଚି ନପାରିବା ନେଇ କଳାକାରମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ଖଗେଶ୍ୱର ବାରିକଙ୍କ ନେତୃତ୍ୱରେ କଳାକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ବଣାଇ ପ୍ରଦକ୍ଷଣ ଗୃହରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବଣାଇରେ ଜିଲ୍ଲାସ୍ତରୀୟ ଅଡିସନ ଆୟୋଜନ କରିବା ସହ ଭବିଷ୍ୟତରେ କଳାକାରଙ୍କ ସୁବିଧା ପାଇଁ ବଣାଇରେ ସ୍ଥାୟୀ ସଂସ୍କୃତି ଭବନ ପ୍ରତିଷ୍ଠା କରିବାକୁ ପ୍ରତିନିଧିମଣ୍ଡଳୀ ଦାବି ଜଣାଇଛନ୍ତି।

# ଜି.ଉଦୟଗିରିରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଜି.ଉଦୟଗିରି,୬।୧୦(ନି.ପ୍ର):ସ୍ଥାନୀୟ ହବାକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହବାକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜିତ ପାଟମାଝୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିବେଦିତ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ଏବଂ ସଞ୍ଜୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଉଡ଼ାଜାପନୀ ସମାରୋହ ରେ କନ୍ଧମାଳ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ପାତ୍ର ଉପସ୍ଥିତ ରହିଥିଲେ । ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ କ୍ରୀଡ଼ା ବିତ ନିଜ ନିଜର ପ୍ରତିଭା ପ୍ରତିପାଦନ କରି ଅତିଥିଙ୍କ ମନ ମୁଗ୍ଧ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଶାନ୍ତନୁ କୁମାର ପ୍ରଧାନ, ସତ୍ୟବ୍ରତ କର୍ଣ୍ଣ, ରେଣୁବାଳା ପ୍ରଧାନ ଏବଂ ଅନ୍ୟ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ।

# ଅଳ୍ପକେ କୁମ୍ଭୀର ପାଟିରୁ ବର୍ତ୍ତିଲେ ଯୁବକ



ହରଭଙ୍ଗା,୬।୧୦(ନି.ପ୍ର): ମହାନଦୀରେ ମଣିଷ-କୁମ୍ଭୀର ଲଢ଼େଇ। ଦୀର୍ଘ ୩୦ ମିନିଟ ସଂଘର୍ଷ ପରେ କୁମ୍ଭୀର ମୁହଁରୁ ଜୀବନ ନେଇ ଫେରିଲେ ଯୁବକ। ଭାଇ ପାଇଁ ଜୀବନକୁ ବାଜିରେ ଲଗାଇଲେ ଭାଇ । ଚିତ୍କାର ଶୁଣି କୁମ୍ଭୀର ଆକ୍ରମଣରୁ ବଞ୍ଚାଇଲେ ଦୁଇ ଭାଇ। ବୌଦ୍ଧ ଜିଲ୍ଲା ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ କୁସଙ୍ଗ ରେଞ୍ଜ ସାତ କୋଶିଆ ଗଣ୍ଡ ମାରଡ଼ା ଘାଟରେ ଘଟିଛି ଏହି ଭୟଙ୍କର ଘଟଣା। ମାରଡ଼ା ଗ୍ରାମରକୁମ୍ଭୀର ପାଟିରୁ ବର୍ତ୍ତିଥିବା ଗୁରୁତର ସୁଧୀର ବେହେରା ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର।

ସୂଚନା ମୁତାବକ ହରଭଙ୍ଗା ବ୍ଲକ ମାରଡ଼ା ଗାଁର ସୁଧୀର ବେହେରା ଅପରାହ୍ନ ସମୟରେ ମହାନଦୀକୁ ଶୌଚ ପାଇଁ ଯାଇଥିଲେ।ସେଠାଏକ ଗୋମୁହାଁ କୁମ୍ଭୀର ହଠାତ୍ ସୁଧୀରଙ୍କ ଡାହାଣ ଗୋଡ଼କୁ ଜାବୁଡ଼ି ଧରିଥିଲା। ସୁଧୀର କିଛି ବୁଝିବା ପୂର୍ବରୁ କୁମ୍ଭୀରଟି ତାଙ୍କୁ ପାଣି ଭିତରକୁ ଘୋଷାଡ଼ି ନେଇଥିଲା। ଏହି ସମୟରେ ସୁଧୀରଙ୍କ ହାତରେ ନଦୀ ଭିତରେ ଥିବା ଏକ ଗଛର ଡାଳ ପଡ଼ିଯାଇଥିଲା। ସେ ଗଛକୁ ଜାବୁଡ଼ି ଧରି ଜୀବନ ବଞ୍ଚାଇବା ପାଇଁ ଆକୁଳ ଚିତ୍କାର କରିଥିଲେ। ଦୀର୍ଘ ଅଧ ଘଣ୍ଟା ପର୍ଯ୍ୟନ୍ତ ସୁଧୀର କୁମ୍ଭୀର ମୁହଁରୁ ନିଜକୁ ରକ୍ଷା କରିବା ପାଇଁ ଅପ୍ରାଣ ଉଦ୍ୟମ ଜାରି ରଖିଥିଲେ। ଭାଇର ଚିତ୍କାର ଶୁଣି ପ୍ରଥମେ ଘଟଣାସ୍ଥଳରେ ଛବିନ୍ଦ୍ର ବେହେରା ପହଞ୍ଚିଥିଲେ। ଭାଇର ଏଭଳି ସଙ୍କଟଜନକ ଅବସ୍ଥା ଦେଖି ସେ ସ୍ଥାନୀୟ ପ୍ରମୋଦ ପ୍ରଧାନଙ୍କୁ ଖବର ଦେଇଥିଲେ। ଏହାପରେ ଦୁଇ ଭାଇ ମିଶି ପାଣିରେ ପଶି ସୁଧୀରଙ୍କୁ କୁମ୍ଭୀର ମୁହଁରୁ ଉଦ୍ଧାର କରିଥିଲେ।

ଉଦ୍ଧାର ପରେ ଗୁରୁତର ସୁଧୀରଙ୍କୁ ପ୍ରଥମେ ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ଗାଡ଼ି ଯୋଗେ ପୁରୁଣାକଟକ ଗୋଷ୍ଠୀ ଚିକିତ୍ସାଳୟ ନିଆଯାଇଥିଲା। ତେବେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବୌଦ୍ଧ ମେଡିକାଲ ପରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ମହାନଦୀରେ କୁମ୍ଭୀର ଆତଙ୍କ ନେଇ ହରଭଙ୍ଗା ତହସିଲଦାର ତଥା ବିଡ଼ିଓ କର୍ଣ୍ଣ ସୁନା ନଦୀ କୂଳିଆ ୬ ପଞ୍ଚାୟତ କରଡ଼ି ଠାରୁ ମାରଡ଼ା ପର୍ଯ୍ୟନ୍ତ ମହାନଦୀ କୂଳର ପ୍ରାୟ ୨୫ ଗ୍ରାମକୁ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଦୂରେଇ ଗଲେ ଆତ୍ମୀୟ, ଶେଷ ଯାତ୍ରାରେ ସାଥୀ ହେଲା ସଂକଳ୍ପ ପରିବାର



ବିଜେପୁର,୬।୧୦(ନି.ପ୍ର):ମୃତ୍ୟୁ ପରେ ମଣିଷର ଶେଷ ଯାତ୍ରାରେ ନିଜ ଲୋକଙ୍କ ସାଥ ମିଳିବା ଏକ ସାଧାରଣ ଆଶା। ହେଲେ ବରପାଲି ଥାନା ଅନ୍ତର୍ଗତ ବରିକେଲ ନୂଆଟିକ୍ରାର ମହାବୀର ବରିହା ଓରଫ ବୀରେନ୍ଦ୍ର (୫୫)ଙ୍କ କ୍ଷେତ୍ରରେ ଏହାର ବିପରୀତ ଚିତ୍ର ସାମ୍ନାକୁ ଆସିଛି। ମୃତ୍ୟୁ ପରେ ଆତ୍ମୀୟମାନେ ଦୂରେଇ ରହିଥିବା ବେଳେ ଶେଷରେ 'ସଂକଳ୍ପ ପରିବାର' ତାଙ୍କ ଶେଷ ଯାତ୍ରାର ସାଥୀ ହୋଇଛି। ସୂଚନା ଅନୁସାରେ, ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମହାବୀରଙ୍କ ମୃତ୍ୟୁ ଘଟିଥିଲା। ସେ ବିଞ୍ଝାଲ ସମ୍ପ୍ରଦାୟର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଜାନକୀ ଲୁହା ହରିଜନ ସମ୍ପ୍ରଦାୟର। ଉଭୟେ ପ୍ରାୟ ୧୮ରୁ ୨୦ ବର୍ଷ ଧରି ବରିକେଲ ନୂଆଟିକ୍ରାରେ ରହିଆସୁଥିଲେ। ମହାବୀରଙ୍କ ମୃତ୍ୟୁ ପରେ ତାଙ୍କ ମୂଳ ପରିବାର ପକ୍ଷରୁ ଶବ ଗ୍ରହଣ କିମ୍ବା ଶେଷକୃତ୍ୟ ପାଇଁ କେହି ଆସିନଥିଲେ। ପରିବାର ସହ ଦୀର୍ଘ ବର୍ଷ ଧରି ସମ୍ପର୍କ ନଥିବା ନେଇ ମୃତକଙ୍କ ସ୍ତ୍ରୀ ପୋଲିସକୁ ଜଣାଇଥିବା ଚିଠିରେ ଉଲ୍ଲେଖ ରହିଥିଲା। ଏଭଳି ସ୍ଥିତିରେ ବରପାଲି ପୋଲିସର ଅନୁରୋଧରେ ସଂକଳ୍ପ ପରିବାର ଆଗକୁ ଆସିଥିଲା। ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି. ରମେଶ, ରଞ୍ଜିତ ସାହୁ, ଶଶାଙ୍କ ଭାଇଙ୍କ ସମେତ ସଦସ୍ୟମାନେ ମୃତକଙ୍କ ସ୍ତ୍ରୀ ଓ ପୋଲିସ ଉପସ୍ଥିତିରେ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମହାବୀରଙ୍କ ଶବ ସତ୍କାର କରିଥିଲେ। ଘଟଣାଟି କେବଳ ଜଣେ ମୃତକଙ୍କ ଶେଷକୃତ୍ୟର କାହାଣୀ ନୁହେଁ ବରଂ ସାମାଜିକ ସମ୍ପର୍କ, ଜାତିଗତ ଦୂରତା ଓ ମାନବିକତାକୁ ନେଇ ଅନେକ ପ୍ରଶ୍ନ ଛାଡ଼ିଯାଇଛି। ରକ୍ତ ସମ୍ପର୍କର ଲୋକେ ଦୂରେଇ ରହିଥିବା ବେଳେ ଅନ୍ତିମ ସମୟରେ ସଂକଳ୍ପ ପରିବାରର ସହଯୋଗ ମାନବିକତାର ଏକ ନିଆରା ଉଦାହରଣ ପାଲଟିଛି ।

# ଆଦର୍ଶ ଯୁବ ଗ୍ରାମସଭା



ରାୟଗଡ଼ା,୬।୧୦(ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପେଣ୍ଟା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ଯୁବ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଯୋଗଦେଇ ଗ୍ରାମସଭାର କାର୍ଯ୍ୟପ୍ରଣାଳୀ ଓ ଗ୍ରାମ ବିକାଶରେ ଏହାର ଭୂମିକା ସମ୍ପର୍କରେ ଅଭିଜ୍ଞତା ହାସଲ କରିଥିଲେ। ପେଣ୍ଟା ପଞ୍ଚାୟତ ସମିତି ସଭ୍ୟା ଶ୍ରୀମତୀ ଜମ୍ବା ଲକ୍ଷ୍ମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମସଭା ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଭାପତିତ୍ୱ କରି ଗ୍ରାମସଭାର ମହତ୍ତ୍ୱ ବୁଝାଇଥିଲେ। ପିରାମଲ ଫାଉଣ୍ଡେସନର ପ୍ରୋଗ୍ରାମ ଲିଡର ଚୈତନ୍ୟ ପଟେଲ ଏବଂ ଗାନ୍ଧୀ ଫେଲୋ ମୁସ୍କାନ ଅଗ୍ରୱାଲ ଉପସ୍ଥିତ ଥିଲେ। ୭ ଦିନିଆ ପ୍ରକଳ୍ପଭିତ୍ତିକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ରାମସଭାରେ ବିଭିନ୍ନ ସମସ୍ୟା ଆଲୋଚନା ଓ ସମାଧାନ ପ୍ରକ୍ରିୟା ବିଷୟରେ ଶିକ୍ଷା ଲାଭ କରିଥିଲେ। ପରେ ଛାତ୍ରଛାତ୍ରୀମାନେ ସରପଞ୍ଚ, ସଚିବ, ନାଏବ ସରପଞ୍ଚ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍, ରାଜସ୍ୱ ବିଭାଗ କର୍ମଚାରୀ ଓ ପ୍ରଧାନଶିକ୍ଷକ ଭୂମିକା ନିଭାଇ ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା।

# ହାଇଟେକ୍‌ରେ ଅତ୍ୟାଧୁନିକ ହାଇ ସ୍ମାଇଲ ଡେଣ୍ଟାଲ୍ ଲ୍ୟାବ୍ ଉଦ୍‌ଘାଟିତ



ଭୁବନେଶ୍ୱର,୬।୧୦(ନି.ପ୍ର):ହାଇଟେକ୍ ଡେଣ୍ଟାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ହାଇ ସ୍ମାଇଲ୍ ଡେଣ୍ଟାଲ ଲ୍ୟାବ୍ ଉଦ୍‌ଘାଟିତ ହୋଇଯାଇଛି। ଡେଣ୍ଟାଲ୍ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଓ ମେଡିକାଲ୍ ଅଧିକ୍ଷକ ମଡିକାଲ୍ ଅକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ଲ୍ୟାବ୍ ରାଜ୍ୟରେ ପ୍ରଥମ ଓ ଏହା ଦନ୍ତରୋଗ, ନୂତନ ଦନ୍ତ ବସାଇବା, ଇବା, ରୁଟ୍ କେନାଲ୍ ରିପେରିଂ ଭଳି ସମସ୍ତ ସମସ୍ୟାର ଗୋଟିଏ ସ୍ଥାନରେ ସମାଧାନ ହୋଇପାରିବ । ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅତ୍ୟାଧୁନିକ ତଥା ସଠିକ୍ ଦନ୍ତ ଚିକିତ୍ସା ଏବଂ ଶିକ୍ଷାଦାନ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ହାଇଟେକ୍ ଡେଣ୍ଟାଲ୍ କଲେଜ । ଏହି 'ହାଇ-ସ୍ମାଇଲ୍ ଡେଣ୍ଟାଲ ଲ୍ୟାବ୍ - -ସେରାମିକ୍ ଲାବୋରେଟୋରୀରେ ଅତ୍ୟାଧୁନିକ ସେନ୍‌ସର ମାଧ୍ୟମରେ ପାଟି ଭିତରେ ଦାନ୍ତର ମ୍ୟାପିଂ, କାଷ୍ଟିଂ ସହ ନୂତନ ଦାନ୍ତ ସଠିକ୍ ମାପ ଅନୁଯାୟୀ ପ୍ରସ୍ତୁତ କରାଯାଇପାରିବ । ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ମେସିନ୍ ହାଇଟେକ୍ ଡେଣ୍ଟାଲ୍ କଲେଜ୍ ଓ ହସପିଟାଲ୍‌ରେ ସ୍ଥାପନ କରାଯାଇଛି। ଦନ୍ତ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସହ ଦନ୍ତ ରୋଗୀ ମାନେ ଏହାର ସୁବିଧା ଉଠାଇବାକୁ ଶ୍ରୀମତି ତ୍ରିପାଠୀ ଅନୁରୋଧ କରିଛନ୍ତି । ପୂର୍ବରୁ ନୂତନ ଦାନ୍ତ ବସାଇବାକୁ, ଏକ ପ୍ରକାର ଚୁନ ପ୍ଲାଷ୍ଟର ବ୍ୟବହାର କରାଯାଇ ଦାନ୍ତର ମାପ ନିଆଯାଉଥିଲା,ପରେ ସେହି ମାପ ଅନୁଯାୟୀ ଦାନ୍ତକୁ ହାତରେ ତିଆରି କରାଯାଉଥିଲା, ହେଲେ ବାରମ୍ବାର ଦାନ୍ତର ସାଇଜ୍ ଓ ଆକରରେ ପରିବର୍ତ୍ତନ କରିବାକୁ ପଡୁଥିଲା, ଆଉ କିଛି ସ୍ଥାନରେ ଲୋକଟି ବାଧ୍ୟ ହୋଇ ସାଇଜ୍, କଲର ନଥିଲା ଦାନ୍ତକୁ ବସାଉଥିଲା କିନ୍ତୁ, ହାଇଟେକ୍ ଡେଣ୍ଟାଲ୍ କଲେଜରେ ଥିବା ଏହି କ୍ୟାଡକାମ୍ ମେସିନ୍‌ରେ ଅତ୍ୟାଧୁନିକ ପଦ୍ଧତିରେ ଦାନ୍ତ ବସା ଯାଇପାରିବ, ଯାହା ରୋଗୀ ସଂପୂର୍ଣ୍ଣ ସନ୍ତୋଷଲାଭ କରିପାରିବ । ଏହି ଅତ୍ୟାଧୁନିକ ମେସିନ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେଣ୍ଟାଲ୍ କଲେଜ୍ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସଂଗ୍ରାମ ପାତ୍ର, ଡେଣ୍ଟାଲ କଲେଜ୍ ସିଓଓ ଡାକ୍ତର ଲିସା ଜୁନେଜା, ଅର୍ଥୋଡେଣ୍ଟିକ୍ସ ବିଭାଗର ପ୍ରଫେସର ଡାକ୍ତର ସୁଦିପ୍ତ ପୋଦାରଙ୍କ ସମେତ ସମସ୍ତ ବିଭାଗୀୟ ଡାକ୍ତର, ଡାକ୍ତରୀ ଛାତ୍ରଛାତ୍ରୀ, ନର୍ସିଂଷ୍ଟାଫ୍, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ଟ୍ରେଲର୍ ସହ ପିଟିହେଲା ଏସ୍‌ୟୁଭି

## ୭ ଶ୍ରମିକଙ୍କ ମୃତ୍ୟୁ

**ଭାବନଗର,୬।୧୦(ଏଜେନ୍ସି):** ଗୁଜରାଟର ଭାବନଗର ଜିଲ୍ଲାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାଜପଥକଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରେଲର୍ ଟ୍ରକ୍ ପଛରେ ଏକ ଦ୍ରୁତଗାମୀ ଏସ୍‌ୟୁଭି (ବୋଲେରୋ) ପିଟିହେବା ଯୋଗୁ ୭ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ପୋଲିସ ସୂଚନା ଦେଇଛି। ଜିଲ୍ଲା ଏସପି ନୀତେଶ ପାଣ୍ଡେ ଜଣାଇଛନ୍ତି ଯେ, ମୃତକମାନେ ସମସ୍ତେ ଭାବନଗରରୁ ଆଲାଙ୍ଗ ଅଞ୍ଚଳକୁ ଯାଉଥିଲେ, ଯେଉଁଠାରେ ସେମାନେ ଏକ ସିପ୍‌ୟାର୍ଡରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଭାବନଗର-ସୋମନାଥ ଜାତୀୟ ରାଜପଥର ତଲାଜା ତାଲୁକ ଅଧୀନରେ ଥିବା ତ୍ରାପଜ ଗ୍ରାମ ନିକଟସ୍ଥ ସର୍ଭିସ୍ ରୋଡ୍‌ରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ଟ୍ରେଲର ସହ ପ୍ରଚଣ୍ଡ ଧକ୍କା ଯୋଗୁ ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି।

### ପାକିସ୍ତାନ ଗୁପ୍ତଚର ମାମଲା

## ୧୩ ନୌସେନା କର୍ମଚାରୀଙ୍କ ସମେତ ୧୮ ସନ୍ଦିଗ୍ଧ, ୨ ଗିରଫ

**ଅମରାବତୀ,୬।୧୦(ଏଜେନ୍ସି):** ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଓ ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଆନ୍ଧ୍ରପ୍ରଦେଶ ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ଗୁପ୍ତଚରଙ୍କ ପର୍ଦ୍ଦାଫାଶ କରି ପୋଲିସ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ମୋଟ ୧୮ ଜଣ ସନ୍ଦିଗ୍ଧଙ୍କ ଭୂମିକା ସାମ୍ନାକୁ ଆସିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ୧୮ ଜଣ ସନ୍ଦିଗ୍ଧଙ୍କ ମଧ୍ୟରୁ ୧୩ ଜଣ ଭାରତୀୟ ନୌସେନାର କର୍ମଚାରୀ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ବିଶାଖାପାଟଣା ନୌସେନା ଘାଟିର କର୍ମଚାରୀ ପ୍ରଦୀପ ମୁଖାର୍ଜୀ ଏବଂ ନୌସେନା ଅଧିକାରୀଙ୍କ ପାଇଁ କାମ କରୁଥିବା ବେସରକାରୀ ଚୁକ୍ତିଭିତ୍ତିକ ଡ୍ରାଇଭର ଅନ୍ନମ୍ ସାଇ ବରପ୍ରସାଦ। ଅଭିଯୁକ୍ତ ପ୍ରଦୀପଙ୍କୁ ତାମିଲନାଡୁର କୋଏମ୍ବାଟୋରରୁ ଗିରଫ କରାଯାଇଥିବା ବେଳେ ବରପ୍ରସାଦଙ୍କୁ ସ୍ଥାନୀୟ ଅଞ୍ଚଳରୁ କାବୁ କରାଯାଇଛି।

# ସୁପ୍ରିମକୋର୍ଟରେ ଶପଥ ନେଲେ ୩ ନୂଆ ବିଚାରପତି

### ୩୭କୁ ବଢ଼ିଲା ଜଜ୍‌ଙ୍କ ସଂଖ୍ୟା



**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ସୁପ୍ରିମକୋର୍ଟରେ ମଙ୍ଗଳବାର ୩ ନବନିଯୁକ୍ତ ବିଚାରପତି ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ପରିସରରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ଜଷ୍ଟିସ୍ ସୁନୀତା ଅଗ୍ରୱାଲ, ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କୁ ଶପଥ ପାଠ କରାଇଛନ୍ତି। ୩ ନୂଆ ବିଚାରପତିଙ୍କ ଯୋଗଦାନ ପରେ ସୁପ୍ରିମକୋର୍ଟରେ କାର୍ଯ୍ୟରତ ଜଜ୍‌ଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ଏଥିରେ ସିଜେଆଇ ସୂର୍ଯ୍ୟକାନ୍ତ ମଧ୍ୟ ସାମିଲ ଅଛନ୍ତି। ସୁପ୍ରିମକୋର୍ଟରେ ମୋଟ ୩୮ ଜଣ ବିଚାରପତିଙ୍କ ପଦ ମଞ୍ଜୁର ହୋଇଥିବାରୁ ଏବେ ଗୋଟିଏ ପଦ ଖାଲି ରହିଛି।

ଏହାପୂର୍ବରୁ ସର୍ବୋଚ୍ଚ ଅଦାଳତରେ ସିଜେଆଇଙ୍କ ସମେତ ମୋଟ ୩୪ ଜଣ ବିଚାରପତି କାର୍ଯ୍ୟରତ ଥିଲେ। ଦିନକ ପୂର୍ବରୁ କେନ୍ଦ୍ରୀୟ ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ କରି ଏହି ୩ ଜଣଙ୍କ ନିଯୁକ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ସହ ପରାମର୍ଶ ପରେ ରାଷ୍ଟ୍ରପତି ତିନିଜଣଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରିଥିଲେ।

ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁନୀତା ଅଗ୍ରୱାଲଙ୍କ ନାମ ସୁପ୍ରିମକୋର୍ଟ ପାଇଁ ସୁପାରିସ କରାଯାଇଥିଲା। ତାଙ୍କ ମୂଳ ହାଇକୋର୍ଟ ହେଉଛି ଆହ୍ଲାବାଦ ହାଇକୋର୍ଟ। ସେହିପରି ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କ ନାମ ମଧ୍ୟ ସୁପାରିସ କରାଯାଇଥିଲା। ଜଷ୍ଟିସ୍ ଉପାଧ୍ୟାୟଙ୍କ ମୂଳ ହାଇକୋର୍ଟ ଆହ୍ଲାବାଦ ହୋଇଥିବା ବେଳେ ଜଷ୍ଟିସ୍ ସିଂହଙ୍କ ମୂଳ ହାଇକୋର୍ଟ ଝାଡ଼ଖଣ୍ଡ।

## ସ୍ମିତ୍‌ଙ୍କ ଖପୁରୀରେ ଫ୍ରାକ୍‌ଚର

### ସର୍ଜରୀ କରୁଛନ୍ତି ଡାକ୍ତର



**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ଫ୍ଲାଏ ଦୁବାଇ ହିରୋ ପାଇଲଟ୍ ସ୍ମିତ୍ ମଚ୍ଛାର ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ତାଙ୍କର ଖପୁରୀରେ ଗମ୍ଭୀର ଆଘାତ ଲାଗିଥିବା ବେଳେ ଫ୍ରାକ୍ଚର ହୋଇଥିଲା। ଯଦିଓ ତାଙ୍କର ଚିକିତ୍ସା କରାଯାଇଥିଲା, କିନ୍ତୁ ଏବେ ପୁଣି ଡାକ୍ତରମାନେ ଏକ ଜରୁରୀ ସର୍ଜରୀ କରୁଛନ୍ତି ବୋଲି ଏନ୍‌ଡିଟିଭିରେ ଖବର ପ୍ରକାଶ ପାଇଛି। ବିମାନରେ ତାଙ୍କର ଓମାନୀ କୋ-ପାଇଲଟ୍ ହମାଦ ଅଲ୍-ହାମାମୀର ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ଏହାପରେ ସେ ନିଜର ସାହସିକତା ଦେଖାଇ କକପିଟ୍‌ର ଦ୍ୱାର ଖୋଲିବାରେ ସକ୍ଷମ ହୋଇଥିଲେ। ଆଉ ଏଥିପାଇଁ ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁଙ୍କ ଜୀବନ ବଞ୍ଚିଯାଇଥିଲା। ତାଙ୍କର ଏହି ସାହସିକତା ପାଇଁ ପାଇଲଟ୍ ସ୍ମିତ୍‌ଙ୍କୁ ସାରା ଦୁନିଆ ସଲାମ କରୁଛି।

### ହର୍ମୁଜରେ ମାଲବାହୀ ଜାହାଜ ଉପରେ ଆକ୍ରମଣ

## ୧୧ ଭାରତୀୟ ନାବିକ ଗୁରୁତର

**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାଉଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଛି। ଓମାନ ଉପକୂଳ ନିକଟରେ ପାନାମା ପତାକା ଲାଗିଥିବା 'ଏମ୍‌ଟି ଅନ୍ ପିସ୍' ଜାହାଜ ଉପରେ ମଙ୍ଗଳବାର ଏହି ଆକ୍ରମଣ ହୋଇଥିବା ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ପକ୍ଷରୁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଜାହାଜରେ ମୋଟ ୧୯ ଜଣିଆ କ୍ରୁ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ। ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାଉଥିବା ସମୟରେ ଜାହାଜରେ ଏକ ପ୍ରୋଜେକ୍ଟାଇଲ୍ ମାଡ଼ ହୋଇଥିଲା। ଏହି ଆକ୍ରମଣରେ ମୋଟ ୧୨ ଜଣ କ୍ରୁ ସଦସ୍ୟ ଆହତ ହୋଇଥିବା ବେଳେ ସେଥିରେ ୧୧ ଜଣ ଭାରତୀୟ ନାବିକ ରହିଛନ୍ତି।

ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଜାହାଜରୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ପରେ ସେମାନଙ୍କୁ ଓମାନର ଖାସାବକୁ ନିଆଯାଇଥିଲା।

**ଭାରତ ପକ୍ଷରୁ ନିନ୍ଦା**

ସେଠାରେ ସମସ୍ତ ଆହତଙ୍କ ଚିକିତ୍ସା ଚାଲିଛି। ସହଯୋଗ ପାଇଁ ଭାରତ ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛି। ଏହି ଘଟଣାକୁ ଭାରତ କଡ଼ା ନିନ୍ଦା କରିବା ସହ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଉପରେ ବାରମ୍ବାର ହେଉଥିବା ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛି। ବାଣିଜ୍ୟିକ ଜାହାଜ, ନାବିକ ଓ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରିବା ବନ୍ଦ କରାଯିବା ସହ ଅନ୍ତର୍ଜାତୀୟ ଜଳପଥରେ ନୌପରିବହନ ଓ ବାଣିଜ୍ୟକୁ ଶୀଘ୍ର ସ୍ୱାଭାବିକ କରିବାକୁ ଭାରତ ଆହ୍ୱାନ ଦେଇଛି।

## ସ୍କୁଲରେ ପ୍ରାର୍ଥନା ସମୟରେ ସମ୍ବିଧାନର ପ୍ରସ୍ତାବନା ପାଠ ଆବେଦନ ଖାରଜ



**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ସୁପ୍ରିମକୋର୍ଟ ସାରା ଦେଶର ସ୍କୁଲଗୁଡ଼ିକରେ ସକାଳ ସଭାରେ ପ୍ରତିଦିନ ସମ୍ବିଧାନର ପ୍ରସ୍ତାବନା ପାଠ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରିଦେଇଛନ୍ତି। ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିବାକୁ ମନାକରି କହିଛନ୍ତି ଯେ, ସମ୍ବିଧାନର ପ୍ରସ୍ତାବନା ପୂର୍ବରୁ ସ୍କୁଲ ପାଠ୍ୟକ୍ରମର ଏକ ଅଂଶ ଏବଂ ସାରା ଦେଶରେ ଷଷ୍ଠ ଶ୍ରେଣୀରୁ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଯାଇଥାଏ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜଧାନୀ କଲେଜର ସହାୟକ ପ୍ରଫେସର ଧୀରଜ କୁମାର ଏହି ଆବେଦନ ଦାଖଲ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ପାଇଁ ସାରା ଦେଶରେ ଏକ ସମାନ ନୀତି ପ୍ରଣୟନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ସିବିଏସଇକୁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦାବି କରାଯାଇଥିଲା। ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ, ଯେପରି ସ୍କୁଲଗୁଡ଼ିକରେ ସାମୂହିକ ଭାବରେ ଜାତୀୟ ସଙ୍ଗୀତ ଗାନ କରାଯାଉଛି ସେହିପରି ସମ୍ବିଧାନର ପ୍ରସ୍ତାବନାର ନିୟମିତ ସାମୂହିକ ପାଠ ପିଲାମାନଙ୍କ ମଧ୍ୟରେ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ ଭଳି ସାମ୍ବିଧାନିକ ମୂଲ୍ୟବୋଧ ସମ୍ପର୍କରେ ବୁଝାମଣା ସୃଷ୍ଟି କରିବ।

ଆବେଦନକାରୀ ଧାରା ୨୧-ଏ ଅନୁଯାୟୀ ଶିକ୍ଷାର ମୌଳିକ ଅଧିକାର ଏବଂ ଧାରା ୫୧-ଏ(ଏ) ଅନୁଯାୟୀ ମୌଳିକ କର୍ତ୍ତବ୍ୟର ଉଦାହରଣ ଦେଇଥିଲେ। ଆବେଦନରେ ରାଜସ୍ଥାନ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍କୁଲାରକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ ସରକାରୀ ଏବଂ ସମ୍ପୃକ୍ତ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସକାଳ ସଭାରେ ସମ୍ବିଧାନର ପ୍ରସ୍ତାବନା ପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ସିବିଏସଇର ମେ' ୨୦୨୫ ସର୍କୁଲାରକୁ ମଧ୍ୟ ଉଦ୍ଧୃତ କରାଯାଇଥିଲା। ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ସମ୍ବିଧାନର ପ୍ରସ୍ତାବନା ପାଠ କରିବା ନାଗରିକ ଚେତନା ବିକାଶ ପାଇଁ ସବୁଠାରୁ ପ୍ରଭାବଶାଳୀ ସକାରାତ୍ମକ ପଦକ୍ଷେପ ହୋଇପାରେ। ତେବେ ସୁପ୍ରିମକୋର୍ଟ ଆବେଦନକୁ ଗ୍ରହଣ ନକରି ଖାରଜ କରିଦେଇଛନ୍ତି।

## ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ, ୩୨ ମୃତ

**ନାଇଜେରିଆ,୬।୧୦(ଏଜେନ୍ସି):** ନାଇଜେରିଆର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଏକ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ନାଇଜେରିଆ ବାୟୁସେନାର ବିମାନ ଦୁର୍ଘଟଣାରେ ୩୨ ଜଣଙ୍କର ମୃତ୍ୟୁ ହୋଇଛି। ବିମାନଟି ନିୟମିତ ମିଶନରେ ଥିବା ସମୟରେ ଏହି ଘଟଣା ଘଟିଛି।



ସୂଚନାନୁଯାୟୀ, ନାଇଜେରିଆର ବେନିନ୍ ସିଟିରୁ ଲାଗୋସ ଅଭିମୁଖେ ଉଡ଼ାଣ ଭରିଥିଲା ନାଇଜେରୀୟ ବାୟୁସେନାର ଏକ ଏଟିଆର୍-୪୨ ବିମାନ। ହଠାତ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହାପରେ ବିମାନର ସନ୍ଧାନ ଆରମ୍ଭ କରିଥିଲେ ଉଦ୍ଧାରକାରୀ ଦଳ। ଶେଷରେ ଇଗବୋକୋଡା ଉପକୂଳବର୍ତ୍ତୀ ସହର ନିକଟରେ ବିମାନର ଭଗ୍ନାବଶେଷ ଠାବ କରାଯାଇଥିଲା। ନାଇଜେରିଆର ବାୟୁସେନା ବିମାନଟି ଏକ ନୌସେନା ଘାଟି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୭ଜଣ କ୍ରୁ ସଦସ୍ୟଙ୍କ ସମେତ ୩୨ ଜଣଙ୍କର ମୃତ୍ୟୁ ଘଟିଥିଲା। ବିମାନର କିଛି ଅଂଶ ପାଣି ଭିତରେ ବୁଡ଼ି ରହିଥିବା ମଧ୍ୟ ସୂଚନା ମିଳିଛି।

ଅନ୍ୟପଟେ ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଟିନୁବୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାର ପ୍ରକୃତ କାରଣ ତୁରନ୍ତ ଖୋଜି ବାହାର କରିବାକୁ ନାଇଜେରୀୟ ବାୟୁସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଘଟଣାସ୍ଥଳରେ ବାୟୁସେନା ଏବଂ ଉଦ୍ଧାରକାରୀ ଦଳ ପକ୍ଷରୁ ତଦନ୍ତ ଜାରି ରହିଛି।

### ୧୭ ବର୍ଷ ପରେ ଫୋର୍ଟ ହୁଡ୍ କାଣ୍ଡର ଘଟିବ ଅନ୍ତ

## ସେନା ମେଜରଙ୍କ ମୃତ୍ୟୁଦଣ୍ଡରେ ଟ୍ରମ୍ପଙ୍କ ସ୍ୱାକ୍ଷର



**ୱାଶିଂଟନ,୬।୧୦(ଏଜେନ୍ସି):** ଟେକ୍ସାସର ଫୋର୍ଟ ହୁଡ୍ ସାମରିକ ଘାଟିରେ ୧୭ ବର୍ଷ ତଳେ ୨୦୦୯ ମସିହାରେ ଗୁଳିକରି ୧୩ ଜଣଙ୍କୁ ହତ୍ୟା କରିଥିବା ସେନା ମେଜର ନିଦାଲ ମାଲିକ ହାସନଙ୍କୁ ଫାୟାରିଂ ସ୍କ୍ୱାଡ୍ ଦ୍ୱାରା ମୃତ୍ୟୁଦଣ୍ଡ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନୁମୋଦନ କରିଛନ୍ତି। ୧୯୬୧ ମସିହା ପରଠାରୁ ଆମେରିକା ସେନା କାହାକୁ ଫାଶୀ କିମ୍ବା ଅନ୍ୟ କୌଣସି ଉପାୟରେ ମୃତ୍ୟୁଦଣ୍ଡ ଦେଇନାହିଁ।

ପେଣ୍ଟାଗନ୍ ମୁଖପାତ୍ର ସିଆନ୍ ପାର୍ଣ୍ଣେଲ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କହିଛନ୍ତି, ସେନା ସଚିବ ଏବେ ମୃତ୍ୟୁଦଣ୍ଡର ତାରିଖ ଏବଂ ସ୍ଥାନ ଚୟନ କରିବେ। ପେଣ୍ଟାଗନ ମୁଖପାତ୍ର କହିଛନ୍ତି, ହାସନ ସେତେବେଳେ ଆମେରିକୀୟ ସେନାରେ ଜଣେ ମନସ୍ତାତ୍ତ୍ୱିକ ଚିକିତ୍ସକ ଥିଲେ। ୨୦୦୯ ମସିହାରେ ସେ ଫୋର୍ଟ ହୁଡ୍‌ର ଏକ ମେଡିକାଲ ସେଣ୍ଟରରେ ପହଞ୍ଚିଥିଲେ। ସେଠାରେ ସୈନିକମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଉଥିଲା। ହାସନ ହଠାତ୍ ଆଖିବୁଜା ଗୁଳିମାଡ଼ କରିଥିଲେ।

ହାସନ ଲେଜର-ଗାଇଡେଡ୍ ପିସ୍ତଲ ସାହାଯ୍ୟରେ ସୈନିକଙ୍କ ଉପରେ ଗୁଳି ଚଳାଇବା ପୂର୍ବରୁ ଆଲ୍ଲାହୁ ଆକବର ଚିତ୍କାର କରିଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୦ରୁ ଅଧିକ ଆହତ ହୋଇଥିଲେ। ହାସନ ପରେ କହିଥିଲେ, ସେ ଏହି ଆକ୍ରମଣ କରିଥିଲେ କାରଣ ସେ ଆମେରିକୀୟ ସୈନ୍ୟଙ୍କୁ ଆଫଗାନିସ୍ତାନକୁ ଯାଇ ସେଠାରେ ତାଙ୍କର ମୁସଲିମ ସାଥୀମାନଙ୍କୁ ହତ୍ୟା କରିବାରୁ ରୋକିବାକୁ ଚାହୁଁଥିଲେ। ତାଙ୍କ ବିଚାର ସମୟରେ ସେ ନିଜକୁ ରକ୍ଷା କରିବାକୁ ପ୍ରାୟ କୌଣସି ଚେଷ୍ଟା କରିନଥିଲେ। ସେ ଜୁରି ସମ୍ମୁଖରେ ସ୍ୱୀକାର କରିଥିଲେ ଯେ, ସେ ଗୁଳି ଚଳାଇଥିଲେ ଏବଂ ନିଜକୁ ଜଣେ ପକ୍ଷ ପରିବର୍ତ୍ତନ କରିଥିବା ସୈନିକ ଭାବରେ ବର୍ଣ୍ଣନା କରିଥିଲେ।

ଟ୍ରମ୍ପଙ୍କ ଅନୁମୋଦନର ଅର୍ଥ ନୁହେଁ ଯେ ହାସନଙ୍କୁ ତୁରନ୍ତ ମୃତ୍ୟୁଦଣ୍ଡ ଦିଆଯିବ। ରାୟ ପରେ ଅନେକ ଆଇନଗତ ଏବଂ ପ୍ରଶାସନିକ ପ୍ରକ୍ରିୟା ସମାପ୍ତ ହେବାକୁ ବାକି ଅଛି। ହାସନ ଆମେରିକାର ଫେଡେରାଲ କୋର୍ଟରେ ଏକ ହେବିଅସ୍ କର୍ପସ୍ ଆବେଦନ ଦାଖଲ କରି ପ୍ରକ୍ରିୟାକୁ ଦୀର୍ଘ ସମୟ ପାଇଁ ଅଟକାଇବାକୁ ଚେଷ୍ଟା କରିପାରନ୍ତି। ମେ' ମାସରେ ପ୍ରକାଶିତ ଏକ ସେନା ଆଇନଜୀବୀଙ୍କ ରିପୋର୍ଟ ଅନୁଯାୟୀ, ଏପରି ଆଇନଗତ ଲଢ଼େଇ ବର୍ଷ ବର୍ଷ ଧରି ଚାଲିପାରେ। ଆମେରିକାର ସାମରିକ ନ୍ୟାୟ ବ୍ୟବସ୍ଥାରେ ମୃତ୍ୟୁଦଣ୍ଡ ପ୍ରଦାନ ଅତ୍ୟନ୍ତ ବିରଳ ଏବଂ ଏହାର କାର୍ଯ୍ୟରେ ପରିଣତ କରିବା କଷ୍ଟକର ବ୍ୟାପାର।


## ରିପୋର୍ଟର ଆବଶ୍ୟକ

'ପ୍ରତିଦିନ' ଖବରକାଗଜ ଏବଂ 'ପ୍ରତିଦିନ ଟିଭି' ନିମନ୍ତେ କଟକ ଜିଲ୍ଲାର ବାରଙ୍ଗ, ନିଆଳି, କଣ୍ଠାପଡ଼ା, ତିଗିରିଆ ଆଦି ସ୍ଥାନ ପାଇଁ ରିପୋର୍ଟର ଆବଶ୍ୟକ। ରିପୋର୍ଟିଂରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଅଭିଜ୍ଞତା ନଥିବା କିନ୍ତୁ ଖବର ପଢ଼ିବା ଏବଂ ଲେଖିବାରେ ରୁଚି ରଖୁଥିବା ପ୍ରାର୍ଥୀ ମଧ୍ୟ ଆବେଦନ କରିପାରିବେ। ଇଚ୍ଛୁକ ପ୍ରାର୍ଥୀ ଅକ୍ଟୋବର ୨୬ ତାରିଖ ସୁଦ୍ଧା ପ୍ରତିଦିନ କାର୍ଯ୍ୟାଳୟ ନମ୍ବରରେ ବାୟୋଡାଟା ଏବଂ ଆଧାର କାର୍ଡ଼ ପଠାଇପାରିବେ।

କାର୍ଯ୍ୟାଳୟ ହ୍ୱାଟ୍ସଆପ୍ ନମ୍ବର
୮୦୯୩୫୪୫୩୦୦/୭୭୮୯୯୩୦୫୩୨



## ପ୍ରକାଶ ଅପେକ୍ଷାରେ

## ଭବ୍ୟ ପ୍ରୀତା

ପୂଜା ସଂଖ୍ୟା- ୨୦୨୬




ମୂଲ୍ୟ: ୫୦ ଟଙ୍କା ମାତ୍ର

ଯୋଗାଯୋଗ

'ପ୍ରତିଦିନ' କାର୍ଯ୍ୟାଳୟ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ମୋବାଇଲ ନଂ- ୮୦୯୩୫୪୫୩୦୦/୭୭୮୯୯୩୦୫୩୨
Email: bhabyaprita@gmail.com


# ମିଳିମିଳା ସଂକ୍ରମଣ ନେଇ ନ୍ୟୁୟର୍କରେ ଇମର୍ଜେନ୍ସି

### ■ ଆମେରିକାରେ ସ୍ଥିତି ସଙ୍ଗିନ ■ ପେନସିଲଭାନିଆରେ ୧୯୯୧ ପରଠାରୁ ଅଧିକ ମାମଲା



**ନ୍ୟୁୟର୍କ,୬।୧୦(ଏଜେନ୍ସି):** ଆମେରିକାରେ ମିଳିମିଳା ସଂକ୍ରମଣ ଚିନ୍ତା ବଢ଼ାଇଛି। ଦ୍ରୁତ ଗତିରେ ବଢୁଥିବା ସଂକ୍ରମଣକୁ ନଜରରେ ରଖି ନ୍ୟୁୟର୍କ ଗଭର୍ଣ୍ଣର କ୍ୟାଥି ହୋକୁଲ ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଗତ କିଛି ଦେଢ଼ ମାସରେ ଆମେରିକାରେ ମିଳିମିଳା ମାମଲା ବଢ଼ିବା ସଂକ୍ରାନ୍ତରେ ଏକ ପରିସଂଖ୍ୟାନ ଜାରି ହୋଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଅନୁଯାୟୀ, ଅକ୍ଟୋବର ୩ ପର୍ଯ୍ୟନ୍ତ ନ୍ୟୁୟର୍କରେ ମୋଟ ୧୦୮ ମିଳିମିଳା ମାମଲା ରିପୋର୍ଟ ହୋଇଛି। କ୍ରମାଗତ ଭାବେ ଏହି ମାମଲା ବିଗତ ଦିନରେ ବଢୁଥିବା ଦେଖି ରାଜ୍ୟ ଆପାତତଃ ଏହି ମାମଲା ଚିହ୍ନଟ ହୋଇଛି।

ସମୁଦାୟ ୧୦୮ ମାମଲା ମଧ୍ୟରୁ ୯୨ଟି ମାମଲା ଗ୍ରାମାଞ୍ଚଳ ଅଞ୍ଚଳରେ ଏମ୍‌ଏମ୍‌ଆର୍ ଟିକାକରଣର ଦୁର୍ବଳତା ଦେଖିବାକୁ ମିଳିଛି। ଏହି ପଦକ୍ଷେପ ଫଳରେ ଏହି ଅଞ୍ଚଳଗୁଡ଼ିକରେ ୧୦୦୦ରୁ ଅଧିକ ଏମ୍‌ଏମ୍‌ଆର୍ ଟିକା ଦିଆଯାଉଛି। ନିର୍ଦ୍ଦେଶ ଅନୁଯାୟୀ, ମିଳିମିଳା ସନ୍ଦେହ ଥିବା ବ୍ୟକ୍ତିଙ୍କ ପାଇଁ ପଞ୍ଜୀକୃତ ନର୍ସମାନେ ଟେଷ୍ଟ କରିପାରିବେ ଏବଂ ସହ-ଫାର୍ମାସିଷ୍ଟମାନେ ୨ ବର୍ଷ ବୟସରୁ ଶିଶୁମାନଙ୍କୁ ଏମ୍‌ଏମ୍‌ଆର୍ ଟିକା ଦେଇପାରିବେ। ରାଜ୍ୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସାମୂହିକ ଭାବେ ଏମ୍‌ଏମ୍‌ଆର୍ ଟିକାକରଣର ସେବା ବୃଦ୍ଧି ପାଇଁ ପଦକ୍ଷେପ ନେଇଛି। ଏଥିପାଇଁ ବିଭିନ୍ନ ଫାର୍ମାସିଷ୍ଟମାନଙ୍କୁ ସେମାନଙ୍କର ସେବାରେ ବିସ୍ତାର କରିବାକୁ କୁହାଯାଇଛି। ତେବେ ଟିକା ନେବା ପୂର୍ବରୁ ରୋଗୀ ଅଭିଭାବକଙ୍କ ସହମତି ପତ୍ର ନେବା ଆବଶ୍ୟକ ରହିଛି।

ପେନସିଲଭାନିଆରେ ସ୍ଥିତି ଅଧିକ ଗମ୍ଭୀର। ନ୍ୟୁୟର୍କର ପଡ଼ୋଶୀ ରାଜ୍ୟ ପେନସିଲଭାନିଆରେ ମଧ୍ୟ ମିଳିମିଳା ରୋଗ ବ୍ୟାପକ ରୂପ ନେଇଛି। ଅକ୍ଟୋବର ୨ ସୁଦ୍ଧା ରାଜ୍ୟରେ ଏଭଳି ମାମଲା ଓ ୫ଟି ମୃତ୍ୟୁ ରିପୋର୍ଟ ହୋଇଛି, ଯେଉଁଥିରେ ପ୍ରମୁଖ ଅଞ୍ଚଳମାନଙ୍କରେ ମାମଲା ସଂଖ୍ୟା ୧୦୦୦ ଅତିକ୍ରମ କରିଥିବା କହିଛନ୍ତି।

ଆମେରିକାରେ ଚଳିତବର୍ଷ ସବୁଠାରୁ ଅଧିକ ମିଳିମିଳା ମାମଲା ରିପୋର୍ଟ ହୋଇଛି। ଦେଶରେ ପ୍ରାୟ ୩୯୦୦ଟି ମାମଲା ରେକର୍ଡ ହେଲାଣି। ଏହା କ୍ରମାଗତ ଭାବେ ଚିହ୍ନଟ ହେଉଛି, ଟିକା ଦ୍ୱାରା ପ୍ରତିରୋଧ କରାଯାଇପାରୁଥିବା ରୋଗରେ ଏଭଳି ସ୍ଥିତିରେ ଅତ୍ୟନ୍ତ ଚିନ୍ତା ବଢ଼ାଇ ଦେଇଛି। ଆମେରିକାରେ ୧୯୯୧ ପରଠାରୁ ଚଳିତବର୍ଷ ସବୁଠୁ ଅଧିକ ମାମଲା ରିପୋର୍ଟ ହୋଇଛି। ତେବେ ନ୍ୟୁୟର୍କ ଗଭର୍ଣ୍ଣର ହୋକୁଲ୍ କହିଛନ୍ତି, ଟିକା ଦ୍ୱାରା ପ୍ରତିରୋଧ କରାଯାଇପାରୁଥିବା ରୋଗରେ କାହାରି ଗୁରୁତର ଅସୁସ୍ଥତା କିମ୍ବା ମୃତ୍ୟୁ ହେବା ଉଚିତ୍ ନୁହେଁ। ତେବେ ନ୍ୟୁୟର୍କରେ ଲାଗୁ ହୋଇଥିବା ଏହି ଜରୁରୀକାଳୀନ ଘୋଷଣା ଆସନ୍ତା ନଭେମ୍ବର ୪ ପର୍ଯ୍ୟନ୍ତ ବଳବତ୍ତର ରହିବ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida